## ସଂକ୍ଷେପରେ

### ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ସଭାପତିଙ୍କ ପରଲୋକ

ଧର୍ମଶାଳା,୪।୧୨(ବଟକୃଷ୍ଣ ପରିଡ଼ା):



ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅରଙ୍ଗାବାଦ ସ୍ଥିତ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନର ସଭାପତି ତଥା ଆଇନଜୀବୀ ଉଦୟନାଥ ଶତପଥୀଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଖବର ପାଇ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କ ଯାଜପୁର ଟାଉନସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ନେତୃତ୍ୱରେ ୧୯୭୫ରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ଗଢା ଯାଇଥିବା ବେଳେ ଶତପଥୀ ଏହାର ସଭାପତି ହୋଇଥିଲେ। ତେଣୁ ଶତପଥୀଙ୍କ ବିୟୋଗରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଲାବଣ୍ୟଙ୍କ ଦୁଇପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ ଆଇନଜୀବୀ ଶ୍ୟାମପ୍ରସାଦ ଦାଶଙ୍କ ସହିତ ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଅଧିଷ୍ଠାତା ମଣ୍ଡଳୀ ସଦସ୍ୟ କାହ୍ନୁଚରଣ ଦାଶ, ରମାକାନ୍ତ ଜେନା, ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଅମରଆତ୍ମାର ସଦ୍‌ଗତିକାମନା କରିଛନ୍ତି।

# ଓସିସିଏଲ୍‌ରେ ଠିକା ଇଞ୍ଜିନିୟର ନିର୍ଯାତିତ

ଯାଜପୁର,୪।୧୨(ହର୍ଷବର୍ଦ୍ଧନ ବେହେରା):

କେବଳ ଖଣି କିମ୍ବା ଶିଳ୍ପାଞ୍ଚଳରେ ନୁହେଁ, ଏବେ ଜଳ ସମ୍ପଦ ବିଭାଗର ଓଡ଼ିଶା କନଷ୍ଟ୍ରକ୍ସନ କମ୍ପାନୀ ଲିମିଟେଡ(ଓସିସିଏଲ୍)ରେ ମଧ୍ୟ ଠିକା କର୍ମଚାରୀ ଭାବେ ନିଯୁକ୍ତି ମିଳୁଛି। ସେଠାରେ ଦୀର୍ଘ ୧୨ରୁ ୧୪ ବର୍ଷ ଧରି ଆଉଟସୋର୍ସିଂ ଭାବେ କାମ କରୁଥିବା ଡିପ୍ଲୋମା ଓ ଡିଗ୍ରୀ ଇଞ୍ଜିନିୟରମାନଙ୍କୁ ଠକିବା, ମାନସିକ ନିର୍ଯାତନା ଏବଂ ଶୋଷଣ କରିବାର ସବୁ ସୀମା ଟପିଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି କ୍ରମରେ ଜଳ ସମ୍ପଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ନରହରି ସେଠୀ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଓସିସିଏଲ୍‌ର ମ୍ୟାନେଜିଂ ଡାଇରେକ୍ଟର(ଏମ୍‌ଡି)ଙ୍କୁ ୩।୧୨।୨୦୨୪ରେ ପତ୍ର ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓସିସିଏଲ୍‌ରେ କାର୍ଯ୍ୟରତ ଆଉଟସୋର୍ସିଂ ଇଞ୍ଜିନିୟରମାନେ କରିଥିବା ଅଭିଯୋଗ ଅନୁଯାୟୀ, ସେମାନେ ବିଭାଗୀୟ କେନ୍ଦ୍ରୀୟ କର୍ମଶାଳା, ମୁଖ୍ୟ ଦପ୍ତର ତଥା ଓଡ଼ିଶାର ବିଭିନ୍ନ ପ୍ରକଳ୍ପରେ କାମ କରି ଆସୁଛନ୍ତି। ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ମହେନ୍ଦ୍ରତନୟା ପ୍ରକଳ୍ପ, ତେଲେଙ୍ଗିରି ଜଳସେଚନ ପ୍ରକଳ୍ପ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଓ ଜଳସେଚନ ପ୍ରକଳ୍ପ, ଲୋୟର ସୁକତେଲ, ଘଟକେଶ୍ୱର ପ୍ରକଳ୍ପ, କୁସୁମୀ ଜଳସେଚନ ପ୍ରକଳ୍ପ ତଥା ଓଡିଶାର ଛୋଟ ଓ ମଧ୍ୟମ ଧରଣ ପ୍ରକଳ୍ପରେ କାମ କରିଛନ୍ତି। ସେମାନେ ଗୋଟିଏ ପ୍ରକଳ୍ପର ମୂଳରୁ ଶେଷ ପର୍ଯ୍ୟନ୍ତ କାମ କରି ନିଜ କାର୍ଯ୍ୟଦକ୍ଷତା, କୁଶଳତା ଏବଂ ନିଷ୍ଠାପରତା ଦେଖାଇଛନ୍ତି। ଫଳତଃ ଓସିସିଏଲ୍ ଓଡ଼ିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଉକ୍ତ ସଂସ୍ଥା ଏକ ଲାଭଦାୟକ ସଂସ୍ଥା ଭାବେ ଠିଆ ହୋଇପାରିଛି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ବାତ୍ୟା ଫନିରେ ୨୨ କୋଟି, ଓସିସିଏଲ୍‌ର ୬୦ତମ ପ୍ରତିଷ୍ଠା ଦିବସରେ ୧୬ କୋଟି ଓ ୬୧ତମ ପ୍ରତିଷ୍ଠା ଦିବସରେ ୧୫ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି। କିନ୍ତୁ ଓଡ଼ିଶା ଇତିହାସରେ କୌଣସି ବି ଏକ ସଂସ୍ଥା ନ ଥିବ ଯିଏକି କର୍ମଚାରୀମାନଙ୍କ ଦରମା ବୃଦ୍ଧି କଲାପରେ ପୁନଃ ଦରମାକୁ କମେଇଥିବ। କିନ୍ତୁ ଓସିସିଏଲ୍ କ୍ଷେତ୍ରରେ ଏହା ଲାଗୁ ହୋଇଛି। ସେମାନଙ୍କୁ ପରିଶ୍ରମ ବଦଳରେ ପାରିଶ୍ରମିକ ମିଳୁନାହିଁ। ୨୦୧୭ରେ କାର୍ଯ୍ୟରତ ଇଞ୍ଜିନିୟରମାନଙ୍କ ମାସିକ ବେତନ ବୃଦ୍ଧି କରିବା ପରେ ଏହାର ୧ ବର୍ଷ ପରେ ଅର୍ଥାତ୍ ୨୦୧୮ରେ ମାସିକ ବେତନକୁ କମାଇ ଦିଆଗଲା। ଏହାର ପ୍ରତିବାଦ କରି ଓସିସିଏଲ୍ ଏମ୍‌ଡିଙ୍କୁ ବାରମ୍ବାର ଚିଠି ଲେଖିଲା ପରେ ବି କୌଣସି ସୁଫଳ ମିଳିଲା ନାହିଁ। ଏତିକିରେ ଏମ୍‌ଡିଙ୍କ ମନ ଭରିଲାନି ଯେ, ପୁନଶ୍ଚ ୨୦୧୯ରେ ପୁଣି ଇଞ୍ଜିନିୟରମାନଙ୍କ ବେତନକୁ କମେଇ ଦିଆଗଲା। ଏହା ଏକ ଅତ୍ୟନ୍ତ ନିନ୍ଦନୀୟ, ଯାହା ସେମାନଙ୍କୁ ମାନସିକ ଆଘାତ ଦେଇଛି। ସେମାନଙ୍କୁ ମିଳୁଥିବା ବେତନ ଜଣେ ଉଚ୍ଚକୁଶଳୀ କାରିଗରଙ୍କଠାରୁ ବି କମ୍। ଏହାର ପ୍ରତିବାଦ କରି ଏବଂ ସ୍ଥାୟୀ ନିଯୁକ୍ତି ଦାବିରେ ୨୦୨୨ରେ ୨୧ ଦିନ, ୨୦୨୩ରେ ୧୧ ଦିନ ଧରି ବିଭାଗୀୟ କେନ୍ଦ୍ରୀୟ କର୍ମଶାଳା ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ଅର୍ଥ ବିଭାଗ ଦ୍ୱାରା ଦରମା ବୃଦ୍ଧି ପାଇଁ ଆଗତ ହୋଇଥିବା ନିର୍ଦ୍ଦେଶକୁ ଖୋଲାଖୋଲି ଭାବରେ ଓସିସିଏଲ୍ ଉଲଂଘନ କରୁଛି। କିନ୍ତୁ ସେହି ଅର୍ଥ ବିଭାଗର ନିର୍ଦ୍ଦେଶ ଅନୁସାରେ ଅନ୍ୟାନ୍ୟ ଓଟିଡିସି, ଓପିଏଚ୍‌ଡବ୍ଲ୍ୟୁସି ପ୍ରମୁଖ ନିଗମଗୁଡିକରେ ଇଞ୍ଜିନିୟରମାନଙ୍କ ଦରମା ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତରେ ଓସିସିଏଲ୍‌ର ଏମ୍‌ଡି ବିଭୂତି ଭୂଷଣ ଦାସଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇ ପାରିନାହିଁ।

### ତଦନ୍ତ ନିର୍ଦ୍ଦେଶ ଦେଲେ ଜଳ ସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ



GOVERNMENT OF ODISHA
DEPARTMENT OF WATER RESOURCES

No. WR-FEII-PG-0035-2024- 33171 /WR, BBSR, Dated 03.12.2024
From
Sri Narahari Sethy,
Special Secretary to Government.
To
The Managing Director,
M/s OCC Ltd, Unit-VIII, Bhubaneswar

Sub: Grievance petition of Outsourcing Diploma & Degree Engineers engaged in OCCL.

Sir,

I am directed to forward herewith the grievance petition dtd.05.08.2024 of Diploma & Degree Engineers engaged in OCCL through manpower supply agencies with a request to examine and furnish a report on the Grievance petition to this department for early disposal of the same.

Yours faithfully,
Special Secretary to Government

Memo No. 33172 /WR, Dated 03.12.2024
Copy forwarded to the Chief Engineer, Internal Vigilance, Rajiv Bhawan, Bhubaneswar/ EIC,WR for information and necessary action.
Special Secretary to Government

Memo No. 33173 /WR, Dated 03.12.2024
Copy forwarded to the P.S. to the Hon'ble Chief Minister, Odisha for information w.r.t. Jana Sunani Portal Registration No CMO2024676597
Special Secretary to Government

# ମା'ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱଗ୍ରହଣ



ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱଗ୍ରହଣ ଅବସରରେ ଯୋଗ ଦେଇଥିବା ଅଧ୍ୟାପିକାଅଧ୍ୟାପକ।

ପାଣିକୋଇଲି,୪।୧୨(ବିକାଶ ମଲ୍ଲିକ):

ପାଣିକୋଇଲି ମା' ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଅର୍ଥନୀତି ବିଭାଗର ଅଧ୍ୟାପିକା ବସନ୍ତ ମଞ୍ଜରୀ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷ ପାର୍ଥସାରଥି ବିଶ୍ୱାଳ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଶାରୀରିକ ଅସୁସ୍ଥତା କାରଣରୁ ବିଶ୍ୱାଳ ଉପଜିଲାପାଳଙ୍କ ନିକଟରେ ଦାୟିତ୍ୱରୁ ଅବ୍ୟାହତ ପାଇଁ ଆବେଦନ କରିଥିଲେ। ଏହାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କ ନିକଟକୁ ସୁପାରିସ ପାଇଁ ପଠାଯାଇଥିଲା। ବରିଷ୍ଠ ଭିତ୍ତିରେ ବସନ୍ତ ମଞ୍ଜରୀଙ୍କୁ ଅଧ୍ୟକ୍ଷ କରିବାକୁ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ। ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ ସମୟରେ ଅଧ୍ୟାପକ ସମରେନ୍ଦ୍ର ଦାସ, ଗୋପବନ୍ଧୁ ସାହୁ, ବିଦ୍ୟାଧର ବେହେରା, ଗୌରହରି ମହାପାତ୍ର, ତୁଷାର ରଞ୍ଜନ ପୁହାଣ, ସୁଶାନ୍ତ ପଣ୍ଡା, ଅଧ୍ୟାପିକା ପ୍ରଭାମୟୀ ସାମଲ, କଲ୍ୟାଣୀ ସାମଲ, ରବୀନ୍ଦ୍ର କୁମାର ଦାସ, ଶାରଳା ଦାସ, ମଧୁସୂଦନ ପଣ୍ଡା, ଶାନ୍ତନୁ ପହି, ହିମାଦ୍ରିନାଥ ଦାସ, କେଶବ ଜ୍ୟୋତିଷ, ମହେଶ୍ୱର ସେଠୀ, ନକୁଳ ବେହେରା, ରାମାକାନ୍ତ ଯେନା, ନୟନୀ ଖଣ୍ଡାଇ ପ୍ରମୁଖ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ନିର୍ମାଣ ହେଉନି ପୋଲ

ଦଶରଥପୁର,୪।୧୨
(ସୁଶାନ୍ତ କୁମାର ବେହୁରିଆ):

### ବାଉଁଶ ଚାରା ପାଲଟିଛି ଯାତାୟାତ ମାଧ୍ୟମ

ଦଶରଥପୁର ବ୍ଲକ ଅଧୀନ କୟାଁ ପଞ୍ଚାୟତର ମା' ଜୟଚଣ୍ଡୀ ମନ୍ଦିର ନିକଟରୁ କମାରଡ଼ିହ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଥିବା ପୋଲକୁ ପୁନଃ ନିର୍ମାଣ ନିମନ୍ତେ ଭାଙ୍ଗିଦେଇ ଛାଡ଼ିଦିଆଯାଇଛି। ହେଲେ ନୂତନ ପୋଲ ନିର୍ମାଣ ହେଉନାହିଁ। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଶତାଧିକ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଏଠାରେ ଭଲ ପୋଲ ଥିବାବେଳେ ଏହାକୁ ଅଧିକ ସମ୍ପ୍ରସାରଣ କରିବାକୁ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଏହାକୁ ଭାଙ୍ଗି ଦିଆଯାଇଥିଲା। ମାତ୍ର ଭାଙ୍ଗିବାର ଏକ ବର୍ଷ ହୋଇସାରିଥିଲେ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ କରାଯାଇନାହିଁ। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ପରେ ଉକ୍ତ ଠିକା ସଂସ୍ଥା ପକ୍ଷରୁ ଦୁଇ/ଚାରି ଖଣ୍ଡ ବାଉଁଶ ସହାୟତାରେ ଚାର ବନ୍ଧା ଯାଇ ଛାଡ଼ିଦିଆଯାଇଛି। ଫଳରେ ଉକ୍ତ ବାଉଁଶ ଚାର ଉପରେ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ନୂତନ ପୋଲ ନିର୍ମାଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, ଉକ୍ତ ନାଳରେ ବର୍ତ୍ତମାନ ପାଣି ଥିବାଯୋଗୁ କାର୍ଯ୍ୟ ବନ୍ଦ ରହିଛି। ପାଣି କମିଲେ କାର୍ଯ୍ୟ ଆରମ୍ଭ କରାଯିବ।



ବାଉଁଶ ଚାରାରେ ଲୋକେ ଯାତାୟାତ କରୁଛନ୍ତି।

# କୋରେଇ ସଂଗ୍ରାମ ସମିତିର ଆନ୍ଦୋଳନ ସ୍ଥଗିତ



ଓଭରବ୍ରିଜ ସ୍ଥଳରେ ସଂଗ୍ରାମ ସମିତି କର୍ମକର୍ତ୍ତା ଓ ସମସ୍ତ ଅଧିକାରୀ

ଯାଜପୁରରୋଡ୍,୪।୧୨(ପବିତ୍ର ରଞ୍ଜନ ମହାନ୍ତି):

କୋରେଇ ବ୍ଲକ ବେଣାପୁରସ୍ଥିତ ୨୦ ନମ୍ବର ଜାତୀୟ ରାଜପଥ ଓଭରବ୍ରିଜ କାର୍ଯ୍ୟକ୍ଷମ ଓ ସର୍ଭିସ ରୋଡ୍‌ର ସ୍ଥାୟୀ ନିର୍ମାଣ ଦାବିରେ ୫ ତାରିଖରେ କୋରେଇ ସଂଗ୍ରାମ ସମିତି ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଡାକରା ସ୍ଥଗିତ ରଖାଯାଇଛି।

ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ବ୍ୟାସନଗର ତହସିଲଦାର ଦେବାଶିଷ ରାଉତଙ୍କ ତତ୍ତ୍ୱାବଧାନରେ ଏନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ତହସିଲ ସଭା ଗୃହରେ ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ସ୍ଥାନୀୟ ପୋଲିସ, ଓପିଟିସିଏଲ ଅଧିକାରୀ, ସଂଗ୍ରାମ ସମିତିର ସଭାପତି ବିଦ୍ୟାଧର ମହାନ୍ତି, ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର, ଉପସଭାପତି ରାମଚନ୍ଦ୍ର ଦାଶ ଓ ସମ୍ପାଦକ ପଦ୍ମନାଭ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନା କରିବା ପରେ ବେଣାପୁର ରାସ୍ତାସ୍ଥଳ ପରିଦର୍ଶନ କରିଥିଲେ। ୨୦ ନମ୍ବର ଜାତୀୟ ରାଜପଥ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀଧର ନାୟକ, କୋରେଇ ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ା, ବ୍ୟାସନଗର ସହକାରୀ ତହସିଲଦାର ପ୍ରସନ୍ନ କୁମାର ମହାନ୍ତି ଏବଂ ଓପିଟିସିଏଲ ଅଧିକାରୀ ଉପସ୍ଥିତ ରହି ସମସ୍ୟା ଉପରେ ଆଲୋକପାତ କରିଥିଲେ। ରାସ୍ତା ଉପରେ ଥିବା ବିଦ୍ୟୁତ୍ ଲାଇନକୁ ସ୍ଥାନାନ୍ତର, ଘରୋଇ ଜମି ଅଧିଗ୍ରହଣ ଓ ସମ୍ପୂର୍ଣ୍ଣ ଅଞ୍ଚଳକୁ ଆଲୋକିତ କରିବା ପାଇଁ ତୁରନ୍ତ ପଦକ୍ଷପ ନେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହିତ ତୁରନ୍ତ ଓଭର ବ୍ରିଜ କାର୍ଯ୍ୟକ୍ଷମ ହେବ ବୋଲି ତହସିଲଦାର ସଂଗ୍ରାମ ସମିତି ସଭାପତିଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ସଂଗ୍ରାମ ସମିତି ପକ୍ଷରୁ ସୂଚନା ଦିଆଯାଇଛି।

# କାଏମା ଅଞ୍ଚଳରେ ଚୋରି ବଢୁଛି



କାଏମା,୪।୧୨(ଶିବପ୍ରସାଦ ମହାନ୍ତି):

- ସୁନା ଦୋକାନ ଗ୍ରିଲ ଓ ସଟର ଭାଙ୍ଗି ଚୋରି
- ଟେର ପାଉନି ପୋଲିସ

ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତରେ ମାସକ ଭିତରେ ଏକାଧିକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହିକ୍ରମରେ ମଙ୍ଗଳବାର ରାତିରେ ଏକ ସୁନା ଦୋକାନ ଗ୍ରିଲ ଓ ସଟର ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା, ରୁପା ଲୁଟ ହୋଇଥିବା ଅଭିଯୋଗ ହୋଇଛି। କାଏମା ଉପର ବଜାରର କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସୁନା ଦୋକାନ ମହାଲକ୍ଷ୍ମୀ ଜୁଏଲାରୀରୁ ଦୁର୍ବୃତ୍ତ ଲୁଟ୍ କରିଛନ୍ତି। କାର୍ତ୍ତିକଙ୍କ ଅଭିଯୋଗ ଅନୁଯାୟୀ, ସେ ରାତି ପ୍ରାୟ ୮ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ତାଙ୍କ ପରିବାରରେ ଦଶକ୍ରିୟା କାର୍ଯ୍ୟଥିବାରୁ ସେ ବୁଧବାର ସକାଳୁ ଦୋକାନକୁ ଆସି ନ ଥିଲେ। ପୂର୍ବାହ୍ନ ୧୦ଟାରେ ତାଙ୍କ ଦୋକାନ ସଟର ଭାଙ୍ଗିଥିବା ପାଖ ଦୋକାନୀ ଦେଖି ଖବର ଦେଇଥିଲେ। ପରେ ସେ ଆସି ଦେଖି ଭିତରକୁ ପ୍ରବେଶ ନ କରି ଏ ବିଷୟରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ତପନ କୁମାର ନାୟକ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ଥାନାରେ ନଂ.୮୫୦/୨୪ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଦୁଇ ଦିନ ପୂର୍ବରୁ ନିକଟରେ ଥିବା ଏକ ଅଖା ଗୋଦାମରୁ ଦୁର୍ବୃତ୍ତ ଅଖାବଣ୍ଡଲ ଓ ଏକ ଫଳ ଦୋକାନରୁ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୋମବାର ରାତିରେ ମଧ୍ୟ ଏହି ପଞ୍ଚାୟତ ନୂଆସାହି ଗ୍ରାମର ମନୋରଞ୍ଜନ ଦାସଙ୍କ ଚାଷ ଜମିରୁ ପାଣିପମ୍ପ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏସବୁ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଲୋକେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଗତ ଜୁନରେ ମଧ୍ୟ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଘରୁ ଚୋରି ହୋଇଥିବା ଘଟଣା ବେଶ ଚର୍ଚ୍ଚାରେଥିଲା। ଶିକ୍ଷୟିତ୍ରୀ ଘରେ ନ ଥିବାବେଳେ ତାଙ୍କ ଘରୁ ୫ ସୁନା ଚେନ, ୪ ମୁଦି ଓ ରୂପା ପାଉଁଜି ସହ ଏକ ଲକ୍ଷ ଦଶ ହଜାର ଟଙ୍କା ଚୋରି ହୋଇଥିଲା। ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ ବି କୌଣସି ସଫଳ ମିଳି ପାରିନାହିଁ। ଏସବୁ ଘଟଣା ପଛରେ ସ୍ଥାନୀୟ କିଛି ଯୁବକଙ୍କ ସମ୍ପୃକ୍ତି ଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି। ଅନ୍ୟପକ୍ଷରେ ଚୋରିରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ଅଭିଯୁକ୍ତଙ୍କୁ ଧରାଯାଉଛି।

# ବିଭିନ୍ନ ପ୍ରକଳ୍ପ ବୁଲିଦେଖିଲେ ମହାରାଷ୍ଟ୍ର ପ୍ରତିନିଧି ଦଳ



ବଡ଼ଚଣା ବ୍ଲକ୍ ଅଞ୍ଚଳକୁ ଆସିଥିବା ମହାରାଷ୍ଟ୍ରର ଏକ ପ୍ରତିନିଧି ଦଳ।

ଚଣ୍ଡିଖୋଲ/ଛତିଆ,୪।୧୨(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ):

ମହାରାଷ୍ଟ୍ରର ଏକ ପ୍ରତିନିଧି ଦଳ ବୁଧବାର ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅଞ୍ଚଳକୁ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଏହି ପ୍ରତିନିଧି ଦଳ ପ୍ରଥମେ ଛତିଆଠାରେ ପହଞ୍ଚି ମନ୍ଦିର ଦର୍ଶନ କରିଥିଲେ। ପରେ ଚମ୍ପାପୁର ଯାଇ ସେଠାରେ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା କାଇଁଚ ଶିଳ୍ପ ପରିଦର୍ଶନ କରିଥିଲେ। ମହାଦେବ ଉତ୍ପାଦକ ସଂଘ ଦ୍ୱାରା କାଇଁଚରୁ ବିଭିନ୍ନ ଘର କରଣ ଜିନିଷ ଓ ଖେଳଣା ସାମଗ୍ରୀ ପ୍ରସ୍ତୁତ ହେଉଛି। ସେ ସବୁକୁ ଦେଖି ପ୍ରତିନିଧି ଦଳ ବେଶ ଆନନ୍ଦିତ ହୋଇଥିଲେ। ପରେ କାଇମାଟିଆ ପଞ୍ଚାୟତ ଯାଇ ଫାର୍ମ ହାଉସ ବୁଲି ଦେଖିଥିଲେ। ଏହାପରେ ଭୁଷଣ୍ଡପୁର ପଞ୍ଚାୟତରେ ନିର୍ମାଣ ହୋଇଥିବା ଗ୍ରାମୀଣ ପାର୍କ ବୁଲି ଦେଖିଥିଲେ। ଗ୍ରାମାଞ୍ଚଳରେ କିପରି ଭାବରେ ସୁନ୍ଦର ପାର୍କ ନିର୍ମାଣ କରାଯାଇ ପାରୁଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ପ୍ରତିନିଧି ଦଳରେ ସେଠାକାର ପଞ୍ଚାୟତ ପ୍ରତିନିଧି ଓ ସରକାରୀ ଅଧିକାରୀମାନେ ସାମିଲ ହୋଇଥିଲେ। ପ୍ରତିନିଧି ଦଳର ପରିଦର୍ଶନ ସମୟରେ ଯାଜପୁର ଜିଲା ପରିଷଦର ନିର୍ବାହୀ ଅଧିକାରୀ ଅଶୋକ ବେହୁରିଆ, ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଗ୍ରାମ ପଞ୍ଚାୟତ ଅଧିକାରୀ ମାନସ କୁମାର ଜେନା, ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ଭୁଷଣ୍ଡପୁର ସରପଞ୍ଚ ଯଯାତୀ କେଶରୀ ରାଉତ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ୪ ବର୍ଷ ହେଲା ସରିଲାଣି ସେତୁ ନିର୍ମାଣ, ଆପ୍ରୋଚ ରୋଡ୍ ନାହିଁ

ଚଣ୍ଡିଖୋଲ,୪।୧୨
(ପ୍ରଦୀପ୍ତ କୁମାର ପୃଷ୍ଟି):





ପ୍ରାୟ ୧୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଛି ବିରୂପା ସେତୁ । ହେଲେ ସେହି ସେତୁ ସାଧାରଣ ଯାତାୟାତରେ ବ୍ୟବହାର ହୋଇପାରୁନାହିଁ। ସରକାର ଓ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଆପ୍ରୋଚ ରୋଡ଼ ନିର୍ମାଣ ହୋଇ ନ ପାରିବାରୁ ସେତୁ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳଠାରେ ବିରୂପା ନଦୀ ଉପରେ ନିର୍ମାଣ ହୋଇଛି ଏକ ସେତୁ । ଜାରକା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧୀନ ଚଣ୍ଡିଖୋଲ ଉପଖଣ୍ଡରେ ରହିଛି ଏହି ସେତୁ। ୧୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ସେତୁ କାର୍ଯ୍ୟ ୨୦୧୯ ମସିହାରୁ ଶେଷ ହେଲାଣି। ତେବେ ଏହାର ଉଭୟ ପାର୍ଶ୍ୱ ସଂଯୋଗୀକରଣ ରାସ୍ତା ଅଦ୍ୟାବଧି ଶେଷ ହୋଇପାରୁନାହିଁ। ଏଥିରେ ବାଧକ ସାଜିଛି ଜମି ଅଧିଗ୍ରହଣ। ସେତୁର ଉଭୟ ପାର୍ଶ୍ୱରେ କିଛି ସରକାରୀ ଓ ବେସରକାରୀ ଜମି ରହିଛି। ବେସରକାରୀ ଜମି ଅଧିଗ୍ରହଣରେ ସମସ୍ୟା ଉପୁଜିବା ଯୋଗୁ ରାସ୍ତା ନିର୍ମାଣ ବନ୍ଦ ରହିଛି। ଏହି ସେତୁର ଉଭୟ ପାର୍ଶ୍ୱରେ ଚାରିନଙ୍ଗଳ ରାଜସ୍ୱ ଗ୍ରାମର ଜମି ରହିଛି। ଉକ୍ତ ଗ୍ରାମଟି ୧୯୨୯ ମସିହା ପରେ ଆଉ ବନ୍ଦୋବସ୍ତ କିମ୍ବା ଚକବନ୍ଦୀ ହୋଇପାରିନାହିଁ। ତେଣୁ ଜମିର କିସମ ପରିବର୍ତ୍ତନ ହୋଇପାରୁନାହିଁ। ସେଥିପାଇଁ ଜମି ଅଧିଗ୍ରହଣରେ ୨ ପ୍ରକାର ମୂଲ୍ୟାୟନ ଜିଲା ପ୍ରଶାସନ କରିବା ଯୋଗୁ ସମସ୍ୟା ଦେଖାଦେଇଛି । ଜମି ମାଲିକମାନେ ଜମି ଛାଡ଼ିବାକୁ ରାଜି ହେଲେ ନାହିଁ। ସେଥିପାଇଁ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ଇତିମଧ୍ୟରେ ଜିଲା ପ୍ରଶାସନ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ସମାଧାନ ନ କରି ଚୁପ ବସିଛନ୍ତି।

ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୀଲ କୁମାର ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି, ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ରାସ୍ତା ହୋଇପାରୁ ନାହିଁ। ପ୍ରଶାସନ ପକ୍ଷରୁ ଘରବାରି ଜମି ଗୁଣ୍ଠ ପ୍ରତି ୧୦ ଲକ୍ଷ ଓ ଚାଷ ଜମି ଗୁଣ୍ଠ ପ୍ରତି ୨ ଲକ୍ଷ ଦିଆଯିବା ପାଇଁ ସ୍ଥିର କରିଥିଲେ। ଯେଉଁମାନଙ୍କ ଘରବାରି କିସମ ଜମି ରହିଥିଲା ସେମାନେ ଟଙ୍କା ନେଇ ଜମି ଛାଡିଲେ। ଯେଉଁମାନଙ୍କ ଚାଷ ଜମି କିସମ ଥିଲା ସେମାନେ ଜମି ଛାଡିଲେ ନାହିଁ। ସେଥିପାଇଁ ସମସ୍ୟା ସୃଷ୍ଟି ହୋଇଛି।

# ଅନୁକମ୍ପାରେ ଚାଲିଛି କର୍ମଚାରୀଙ୍କ ବଦଳି, ଡେପୁଟେଶନ

**ପଟ୍ଟାମୁଣ୍ଡାଇ,୪।୧୨(କଳ୍ପତରୁ ନାୟକ)**

ରାଜ୍ୟ ସରକାରଙ୍କ ନିୟମାନୁସାରେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଗୋଟିଏ ସ୍ଥାନରେ ମାତ୍ରାଧିକ ୩ ବର୍ଷ କାର୍ଯ୍ୟ କରିପାରିବେ। ୩ ବର୍ଷ ପରେ ତାଙ୍କର ଅନ୍ୟ ସ୍ଥାନକୁ ବଦଳି ହୋଇଥାଏ। ଫଳରେ ସରକାରୀ ଦପ୍ତରରେ ଦୁର୍ନୀତି କମିବାଠାରୁ ଆରମ୍ଭ କରି ପରିଚାଳନା କାର୍ଯ୍ୟରେ ସନ୍ତୁଳନ ରହେ। ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଏଥିରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି। ଗତ କିଛିଦିନ ତଳେ ପଟ୍ଟାମୁଣ୍ଡାଇ ତହସିଲ ଓ ବ୍ଲକ କର୍ମଚାରୀଙ୍କ ବଦଳି ନିର୍ଦ୍ଦେଶ ଆସିଥିଲା । ସେମାନେ ଉକ୍ତ ସ୍ଥାନରେ ରହିବା ଲାଗି ବିଭିନ୍ନ ଦିଗରୁ ସୁପାରିଶ କରି ସେହି ସ୍ଥାନରେ କୁଣ୍ଡଳି ମାରି ବସି ରହିଛନ୍ତି । ଏଥିନେଇ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ବଢୁଥିବା ବେଳେ ସାଧାରଣ ଲୋକେ ନ୍ୟାୟ ଓ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସାଧାରଣରେ ଅଭିଯୋଗ ହୋଇଛି ।

ଜିଲା ପ୍ରଶାସନଙ୍କ ଅନୁମୋଦନ ଚିଠି ନଂ.୧୩୧୪/୧୬/୧୧/୨୦୨୪ରେ ପଟ୍ଟାମୁଣ୍ଡାଇ ତହସିଲରୁ ଅଞ୍ଜନା ନାଥଙ୍କୁ ରାଜନଗର ବ୍ଲକକୁ ବଦଳି କରାଯାଇଥିବା ବେଳେ ସୀତାକାନ୍ତ ସେଠୀଙ୍କୁ ମହାକାଳପଡ଼ା ତହସିଲକୁ ବଦଳି କରାଯାଇଥିଲା। ସେହିପରି ପଟ୍ଟାମୁଣ୍ଡାଇ ତହସିଲରୁ (ମହାକାଳପଡ଼ାରେ କାର୍ଯ୍ୟରତଥିବା) ନିରଞ୍ଜନ ସିଂଙ୍କୁ କେନ୍ଦ୍ରାପଡା ତହସିଲକୁ, ପ୍ରଭାକର ରାଉତ (ଡେପୁଟେଶନ ଆରଟିଓ) ଆସିଡିଏସ୍ ରାଜକନିକାକୁ ବଦଳି କରାଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ କ୍ୟାସିୟର ପ୍ରିୟରଞ୍ଜନ ସାମଲଙ୍କୁ କେନ୍ଦ୍ରାପଡ଼ା ଜିଲା କାର୍ଯ୍ୟାଳୟକୁ ବଦଳି ହୋଇଛି । ସେହିପରି କେନ୍ଦ୍ରାପଡ଼ା ଜିଲା ପରିଷଦ ମାଧବୀ ମୁର୍ମୁଙ୍କୁ ପଟ୍ଟାମୁଣ୍ଡାଇ ଆଇସିଡିଏସ୍‌କୁ ବଦଳି କରାଯାଇଥିବା ବେଳେ ରାଜକନିକା ବ୍ଲକରୁ ଦୁଷ୍ମନ୍ତ ପାତ୍ରଙ୍କୁ ତହସିଲକୁ ବଦଳି ହୋଇଛି । କନିକା ତହସିଲରୁ ବନମାଳୀ ନାୟକଙ୍କୁ ପଟ୍ଟାମୁଣ୍ଡାଇ ତହସିଲ, କେନ୍ଦ୍ରାପଡ଼ା ତହସିଲରୁ ସୁଜାତା ମହାନ୍ତି ଓ ଜିଲା ଅଫିସର ଲକ୍ଷ୍ମଣ କିସ୍କୁଙ୍କୁ ପଟ୍ଟାମୁଣ୍ଡାଇ ତହସିଲକୁ ବଦଳି ହୋଇଥିଲା । ତେବେ ଜିଲାସ୍ତରରେ ବଦଳି ସୁପାରିଶ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ ଶୁଣାଣି ପରେ ଜିଲା ଚିଠି ନଂ.୨୩୫୮/୧-୧୨-୨୦୨୪ରେ କେତେଜଣ କର୍ମଚାରୀଙ୍କ ବଦଳି ଆଦେଶକୁ ଏପଟସେପଟ କରାଯାଇଛି । ସେଥିରେ ଡେପୁଟେଶନ ପଟ୍ଟାମୁଣ୍ଡାଇ ତହସିଲର ପ୍ରମୋଦ ସାହୁଙ୍କୁ ଉପଜିଲାପାଳ ଅଫିସ, ସୁଚିତ୍ର ରାଉତଙ୍କୁ କନିକା ପଠାଯାଇଛି । ସେହିପରି ପଟ୍ଟାମୁଣ୍ଡାଇ ତହସିଲରୁ ଗତ ୧୬ ତାରିଖରେ ପଟ୍ଟାମୁଣ୍ଡାଇ ତହସିଲରୁ ମହାକାଳପଡା ବଦଳିକରାଯାଇଥିବା ସିତାକାନ୍ତ ସେଠୀଙ୍କୁ ପୁନଃ ପଟ୍ଟାମୁଣ୍ଡାଇ ତହସିଲରେ ଅବସ୍ଥାପିତ କରାଯାଇଛି ।

### ଗୋଟିଏ ସ୍ଥାନରେ ବହୁ ବର୍ଷ ରହିଛନ୍ତି ବହୁ ଅଧିକାରୀ

ପଟ୍ଟାମୁଣ୍ଡାଇ ତହସିଲ, ବ୍ଲକ ଓ ପୌରପାଳିକା ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ଅଧିକାରୀ,କର୍ମଚାରୀ ଗାଦି ମାଡି ବସିଛନ୍ତି। ଯେଉଁ ସରକାରୀ କର୍ମଚାରୀମାନେ ପ୍ରଶାସନର ନିର୍ଦ୍ଦିଷ୍ଟ ଗୋଟିଏ ବିଭାଗରେ ୩ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି କାମ କରି ଆସୁଛନ୍ତି ସେ ସମ୍ପର୍କରେ ଏକ ରିପୋର୍ଟ ତଲବ ପରେ ଗତମାସ ସରକାର ବଦଳି ନିର୍ଦ୍ଦେଶ ଦେଇଥଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ତହସିଲର ଅନେକ କର୍ମଚାରୀ ବଦଳି ହୋଇଥିଲା । ହେଲେ ସେଥିରୁ ପୁନଃ ଡେପୁଟେଶନରେ ପଟ୍ଟାମୁଣ୍ଡାଇରେ ଅବସ୍ଥାପିତ କରାଯାଇଛି। ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି ।

# ୧୦ ମତ୍ସ୍ୟଜୀବୀ ଗିରଫ



**ରାଜନଗର,୪।୧୨ (ଭାସ୍କର ରାଉତରାୟ)**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବନବିଭାଗ ଟିମ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଟ୍ରଲର ଜବତ କରିବା ସହିତ ଏଥିରେ ଥିବା ୧୦ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟ, ମଙ୍ଗଳବାର ରାତିରେ ବନବିଭାଗ ପାଟ୍ରୋଲିଂ ଟିମ୍ ମାଦଳୀ ମାଉଥିରୁ ପାଟ୍ରୋଲିଂରେ ବାହାରିଥିଲା। ରାତି ପ୍ରାୟ ୨ ଘଟିକା ସମୟରେ କୂଳଠାରୁ ୧୭ କିମି ଦୂରରେ ବେଆଇନ ଭାବେ ମା'ଗଂଗା-୧୫୬ ନାମକ ଟ୍ରଲର ଆଇଏନଡି-ଓଆର-୦୧- ଏମଏମ-୩୩୯କୁ ବନବିଭାଗ ପାଟ୍ରୋଲିଂ ଟିମ୍ ଜବତ କରିଥିଲେ। ବିରଳ ଅଲିଭରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ମାଛ ଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲେ

### ଗହୀରମଥା ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ

ମଧ୍ୟ ଟ୍ରଲରଗୁଡିକ ବେଧଡକ ଭାବେ ମାଛ ମାରୁଛନ୍ତି। ସୋମବାର ଜବତ ହୋଇଥିବା ଟ୍ରଲରରେ ବାଲେଶ୍ୱରର ଜିତେନ୍ଦ୍ର କୁମାର ପାତ୍ର, ଶମ୍ଭୁନାଥ ଖଟୁଆ, ବାଦଲ ଖିଲାର, ଅଶୋକ ବେହେରା, କାର୍ତ୍ତିକ ମଣ୍ଡଳ, ଅବନୀକାନ୍ତ ଜେନା, ଶୁକଦେବ ବେରା, ରାଧାଶ୍ୟାମ ଜେନା, ପରମେଶ୍ୱର ଜେନା, ଶ୍ରୀକାନ୍ତ ମଣ୍ଡଳ ପ୍ରମୁଖ ୧୦ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରଲରରୁ ୩ଟି ଭିଏଚ୍ଏଫ୍, ଗୋଟିଏ ଜିପିଏସ, ୧୧ଟି ଟ୍ରଲିଂ ନେଟ,୬ ମୋବାଇଲ ଫୋନ ଓ ୧୦ କୁଇଣ୍ଟାଲ ମାଛ ଜବତ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଗୋଟିଏ ଛାତ ତଳେ କୃଷିଭିତ୍ତିକ କାର୍ଯ୍ୟାଳୟ ପ୍ରତିଷ୍ଠା ହେଲାନି

**କେନ୍ଦ୍ରାପଡ଼ା, ୪।୧୨(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷିଭିତ୍ତିକ । ତେବେ କୃଷିଭିତ୍ତିକ ବିଭିନ୍ନ କାର୍ଯ୍ୟାଳୟ ଜିଲା ଓ ବାହାର ଜିଲାରେ ବିକ୍ଷିପ୍ତ ଭାବେ ସ୍ଥାପିତ ହୋଇଛି । ଜିଲା ଗଠନର ୩୧ ବର୍ଷ ପରେ ମଧ୍ୟ ବିକ୍ଷିପ୍ତ ଭାବେ ରହିଥିବା କାର୍ଯ୍ୟାଳୟକୁ ଗୋଟିଏ ଛାତ ତଳେ ରଖିବାକୁ ବିଭିନ୍ନ ସମୟରେ ଦାବି ହୋଇଛି। ଗତ ସେପ୍ଟେମ୍ବର ୧୯ରେ ପଟ୍ଟାମୁଣ୍ଡାଇସ୍ଥିତ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ଶିବିର ସହ ଜିଲାପାଳଙ୍କୁ ଏ ସମ୍ପର୍କରେ ଏକ ସ୍ମାରକପତ୍ର ଦିଆଯାଇଥିଲା । ତେବେ ଗତ ନଭେମ୍ବର ୨୬ରେ ଜିଲା କୃଷି ଅଧିକାରୀ ଏହା ଉପରିସ୍ଥ ଅଧିକାରୀଙ୍କ କାମ କହି ଦାବିକୁ ଗୁରୁତ୍ୱହୀନ କରି ଦେଇଛନ୍ତି । ଯୁବକ ସଂଘ ସଭାପତି ଗୌତମ ବେହେରା ଏସମ୍ପର୍କରେ କହିଛନ୍ତି, ଏହି ଜିଲାରେ ଖଣି କିମ୍ବା ଶିଳ୍ପ ନାହିଁ। କୃଷି କ୍ଷେତ୍ର ଜୀବିକା ହୋଇଥିଲେ ମଧ୍ୟ ଜଳ ପରିଚାଳନା ଏକ ମୁଖ୍ୟ ସମସ୍ୟା ହୋଇଛି । କେଉଁ ବିଭାଗକୁ ଜଣାଇବେ ଓ ଏହାର କାର୍ଯ୍ୟାଳୟ କେଉଁଠାରେ ବୋଲି ଚାଷୀ ହନ୍ତସନ୍ତ ହେଉଛନ୍ତି ।

ଅବିଭକ୍ତ କଟକ ଜିଲା ସମୟରେ ଥିବା ଜଳସେଚନ ବିଭାଗର ୨ଟି କାର୍ଯ୍ୟାଳୟ କଟକ ଓ ଯାଜପୁର ଜିଲାରେ ରହି କେନ୍ଦ୍ରାପଡା ଜିଲାର ଜଳସେଚନ ବୁଝୁଛନ୍ତି। ସେହିପରି ଜିଲା ଜଳସମ୍ପଦ ବିଭାଗ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ବେଳେ ଲିଫ୍ଟ ଇରିଗେଶନ କାର୍ଯ୍ୟାଳୟ ସହରର ତିନିମୁହାଣୀରେ, ଡ୍ରେନେଜ ଡିଭିଜନ ମାର୍ଶାଘାଇରେ କାଡା କାର୍ଯ୍ୟାଳୟ ଡେରାବିଶ ବ୍ଲକ ଚାନ୍ଦୋଳରେ, ମୃତ୍ତିକା ସଂରକ୍ଷଣ ବିଭାଗ ଓ ମତ୍ସ୍ୟ ସମ୍ପଦ ବିଭାଗ କାର୍ଯ୍ୟାଳୟ ଦୁହୁରିଆରେ ଅଛି । ସେହିପରି ଆଳିଠାରେ ଜିଲାର ତଟବନ୍ଧ କାର୍ଯ୍ୟାଳୟ ଚାଲିଛି । ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ସେଲ୍ ସମେତ ବିଭିନ୍ନ କୃଷି କାର୍ଯ୍ୟାଳୟକୁ ସ୍ମାରକ ପତ୍ର ଯୁବକ ସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା । ତେବେ କୃଷି ଅଧିକାରୀଙ୍କ ଉତ୍ତର (ଚିଠି ନଂ.୫୯୦୯) ଜିଲା କୃଷି ଓ କୃଷକଙ୍କ ଦାବିକୁ ଗୁରୁତ୍ୱ ନ ଦେବା ପରି ଲାଗୁଥିବା ସଭାପତି ବେହେରା କହିଛନ୍ତି ।

# ଆଳିକୁ ସବ୍‌ଡିଭିଜନ ଦାବି ତେଜିଲା



ବୈଠକରେ ଆଳି- କନିକା ଅଞ୍ଚଳର ବୁଦ୍ଧିଜୀବୀମାନେ।

**ଆଳି,୪।୧୨(ବନମାଳୀ ସେନାପତି)**

ଦୀର୍ଘ ଦିନ ହେବ ଆଳି ଅଞ୍ଚଳର ଲୋକମାନେ ଆଳି ଏକ ସବ୍‌ଡିଭିଜନର ମାନ୍ୟତା ପାଇବାର ଆଶା ରଖି ଅପେକ୍ଷା କରିଛନ୍ତି। କିନ୍ତୁ ସରକାର ଏ ପର୍ଯ୍ୟନ୍ତ ଏ ବିଷୟରେ କିଛି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଆଳି ଗୋଟିଏ ସବ୍‌ଡିଭିଜନ ହେବାର ସମସ୍ତ ପ୍ରକାର ସୁବିଧା ସୁଯୋଗ ରହିଛି। ଆଳିର ଚତୁଃପାର୍ଶରେ ଥିବା ବ୍ଲକଗୁଡ଼ିକର ମଧ୍ୟ ଏହା ମଧ୍ୟବର୍ତ୍ତୀ ସ୍ଥାନ। ତେଣୁ ଏ ଭଳି ସ୍ଥାନରେ ସବ୍‌ଡିଭିଜନ ହେବାର ଆବଶ୍ୟକତା ରହିଛି ବୋଲି ଆଳି ନାଗରିକ ମଞ୍ଚ ସଭାପତି ଧନେଶ୍ୱର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଳି -କନିକାର ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏ ବିଷୟରେ ୨୦୧୮ ମସିହାରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଯେ ଆଳି ଏକ ସବଡିଭିଜନ ହେବ। ବିଧାନସଭାରେ ମଧ୍ୟ ଏ ବିଷୟରେ ବ୍ୟାପକ ଆଲୋଚନା କରାଯାଇଥିଲା। କିନ୍ତୁ ଫଳ ଶୂନ ହୋଇରହିଛି। ଆଉ ଅଧିକ କାଳ ଅପେକ୍ଷା ନ କରି ଆଳି କନିକାର ସଚେତନ ଜନସାଧାରଣ ବୁଧବାର ଦିନ ମିଳିତ ହୋଇ ସବ୍‌ଡିଭିଜନ ଦାବିକୁ ଜୋରଦାର କରିଛନ୍ତି। ଏହି ବୈଠକରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଅକ୍ଷୟ ମଲିକ, ପ୍ରମୋଦ ରାୟ,ଦୁର୍ଯ୍ୟୋଧନ ମହାନ୍ତି, ଉତ୍ତମ ସେନାପତି, କାଳୀ ପ୍ରସାଦ ନାୟକ, ଶରତ ଚନ୍ଦ୍ର ମହାନ୍ତି, ଲକ୍ଷ୍ମୀପ୍ରିୟା ନାୟକ, ସହଦେବ ସିଂହ, ସୁହାନା ବେଗମ, ଦଶରଥ ମଲିକଙ୍କ ସମେତ ଆଳି-କନିକାର ବହୁ ବୁଦ୍ଧିଜୀବି ସାମିଲ ହୋଇଥିଲେ । ଆଗାମୀ ଦିନରେ ଆଳି କନିକାର ମିଳିତମଞ୍ଚର କୋର୍ କମିଟି ଗଠନ କରାଯିବା ସହିତ ମାନବଶୃଙ୍ଖଳ ଓ ବିଭିନ୍ନ ସ୍ଥାନରେ ସଭା,ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀରେ ଯୋଗଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ଓ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଛି ।

# କବିତା ସଂକଳନ 'ଝିଅ ପାଇଁ ଚେନାଏ ଆକାଶ' ଉନ୍ମୋଚିତ

**ରାଜନଗର,୪।୧୨ (ଭାସ୍କର ରାଉତରାୟ)**

ଶିକ୍ଷୟିତ୍ରୀ ତଥା କବି ବିକାଶୀ ପ୍ରିୟଦର୍ଶନୀଙ୍କ ପ୍ରଥମ କବିତା ସଙ୍କଳନ 'ଝିଅ ପାଇଁ ଚେନାଏ ଆକାଶ' ଆଜି ଉନ୍ମୋଚିତ ହୋଇଯାଇଛି। ରାଜନଗର ବ୍ଲକ ବଡପଲ୍ଲୀସ୍ଥିତ ତୀର୍ଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା ପରେ କବିତା ସଙ୍କଳନ ଉନ୍ମୋଚିତ କରାଯାଇଥିଲା। କବୟିତ୍ରୀ ନିଜର ପ୍ରଥମ କବିତା ସଂକଳନ କୌଣସି ଅତିଥିଙ୍କ ପରିବର୍ତ୍ତେ ନିଜର ବାପା ଶିବ ପ୍ରସାଦ ରାଉତ ଓ ମାତା ଚଞ୍ଚଳା ରାଉତଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଛି । ବୃତିରେ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଯୋଗ୍ୟତାରେ ଇଂରାଜୀରେ ମାଷ୍ଟର ଡିଗ୍ରୀ ଥିଲେ ମଧ୍ୟ ଓଡିଆ ସାହିତ୍ୟ ପ୍ରତି କବୟିତ୍ରୀଙ୍କ ଭଲପାଇବା ରହିଛି। ବିଭିନ୍ନ ପତ୍ରପତ୍ରିକାରେ ପୂର୍ବରୁ ସ୍ଥାନ ପାଇଥିବା ବିପ୍ଲବାତ୍ମକ ଓ ଅନ୍ୟାୟ ସହ ଲଢିବାର ବିଭିନ୍ନ କବିତା ଏହି ସଂକଳନରେ ସ୍ଥାନ ପାଇଛି।


ଅତିଥିମାନେ କବିତା ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

# ୨ ହରିଣ ଶିଙ୍ଗ ଚାଲାଣ ବେଳେ ଜଣେ ଗିରଫ


କଟକ ଜିଲା ବଡ଼ମ୍ବା ଅଞ୍ଚଳରୁ ଚୋରା ଚାଲାଣ ହେଉଥିବା ହରିଣ ଶିଙ୍ଗ ଜବତ କରାଯାଇଛି।

**ବଡ଼ମ୍ବା, ୪।୧୨(ମାୟାଧର ମଲ୍ଲିକ)**

କଟକ ଜିଲା ବଡ଼ମ୍ବା ଅଞ୍ଚଳରୁ ଜଣେ ବ୍ୟକ୍ତି ହରିଣ ଶିଙ୍ଗ ଚୋରା ଚାଲାଣ କରୁଥିବା ବେଳେ ବୁଧବାର ବଡ଼ମ୍ବା ପୋଲିସ ଗିରଫ କରିଛି। ତାଙ୍କଠାରୁ ୨ଟି ହରିଣ ଶିଙ୍ଗ ସହ ଏକ ବାଇକ୍ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ କେନ୍ଦ୍ରାପଡ଼ା ଅଞ୍ଚଳର ସତ୍ୟବ୍ରତ ନାୟକ। ବୁଧବାର ଅପରାହ୍ଣରେ ବଡ଼ମ୍ବା ଥାନା ଅନ୍ତର୍ଗତ ଭଙ୍ଗାରିକା ଛକଠାରେ ହରିଣ ଶିଙ୍ଗ ଚାଲାଣ ହେଉଥିବା କୌଣସି ସୂତ୍ରରୁ ପୋଲିସ ଖବର ପାଇଥିଲା। ବଡ଼ମ୍ବା ଥାନା ଏସ୍ଆଇ ସସ୍ମିତ ସ୍ୱାଇଁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସତ୍ୟବ୍ରତଙ୍କୁ କାବୁ କରିବା ସହ ତାଙ୍କଠାରୁ ୨ଟି ହରିଣ ଶିଙ୍ଗ ଜବତ କରିଥିଲା। ସତ୍ୟବ୍ରତ ବଡ଼ମ୍ବା ଦେଇ ପଳାଇ ଯାଉଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଏହା ଏକ ବନ୍ୟ ଜନ୍ତୁ ଅପରାଧ ସମ୍ପର୍କିତ ଘଟଣା ହୋଇଥିବାରୁ ପୋଲିସ ବଡ଼ମ୍ବା ବନ ବିଭାଗକୁ ସତ୍ୟବ୍ରତଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ବଡ଼ମ୍ବା ରେଞ୍ଜର ପ୍ରଭାତ କୁମାର ରାଉତଙ୍କୁ ପଚାରିବାରେ ଏହା ଉପରେ ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ବନ୍ଧୁତ୍ୱପୂର୍ଣ୍ଣ ଭାବନାରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ

### ପରେଶ ଦାସ ସଭାପତି,ଜଗନ୍ନାଥ ଦାସ ସମ୍ପାଦକ ନିର୍ବାଚିତ

**ଡେରାବିଶ,୪।୧୨(ବେବର୍ତ୍ତା ଅଜୟ ଦାସ)**

ସଂପ୍ରତି ଚତୁର୍ଥସ୍ତମ୍ଭ ବହୁମାତ୍ରାରେ ଆକ୍ରୋଶର ଶିକାର ହୋଇ ଚାଲିଛି । ନିଜର ସୁରକ୍ଷା ପାଇଁ ବିଭିନ୍ନ ସାମ୍ବାଦିକ ସଂଘ ସରକାରଙ୍କଠାରେ ଦାବି କରି ଆସୁଥିଲେ ମଧ ସମାଜର ଚତୁର୍ଥସ୍ତମ୍ଭ ବୋଲାଉଥିବା ଖବରଦାତାମାନଙ୍କ ପ୍ରତି କାହାର ଦୃଷ୍ଟି ପଡୁ ନାହିଁ। ତେଣୁ ସେମାନଙ୍କ ସ୍ୱାର୍ଥରକ୍ଷା ଲଢେଇରେ ଓଡ଼ିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ ସଂଘ ତାର ଲଢେଇ ଜାରି ରଖିଛି । ଏଥିରେ କେନ୍ଦ୍ରାପଡା ଜିଲା ସାମ୍ବାଦିକ ସଂଘ ସର୍ବଦା ଅଗ୍ରଣୀ ଭୂମିକା ନିର୍ବାହ କରି ଆସିଛି ବୋଲି ବୁଧବାର ଡେରାବିଶ ବ୍ଲକ ଅନ୍ତର୍ଗତ ଗୁଆଲସିଂ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଂଘର ଦ୍ୱିବାର୍ଷିକ ସାଧାରଣ ଅଧିବେଶନ ଯୋଗଦାନ କରିଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ସଂଘ ସଭାପତି ପରେଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଅଧିବେଶନରେ ସମାଜ ଉପରେ ବନ୍ଧୁତ୍ୱର ପ୍ରଭାବ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ନମିତା ବାରିକ ମୁଖ୍ୟ ଅତିଥି, ସାମାଜିକ କର୍ମୀ ତଥା ପୁର୍ବତନ ଅଧ୍ୟକ୍ଷ ଡ.ଚୈତନ୍ୟ ଚରଣ ପରିଡା ମୁଖ୍ୟବକ୍ତା ଏବଂ ସ୍ଥାନୀୟ ଗୁଆଲସିଂ ପଞ୍ଚାୟତ ସରପଞ୍ଚ ମଧୁସ୍ମିତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ନିଜ ଭିତରେ ଥିବା ବନ୍ଧୁତ୍ୱକୁ ଯଥାର୍ଥ କରା ନ ଗଲେ ସମାଜ ଓ ପୃଥିବୀକୁ ଧ୍ୱଂସରୁ ରକ୍ଷା କରିବା ସମ୍ଭବ ହୋଇ ପାରିବ ନାହିଁ ବୋଲି କହିଥିଲେ। ଏହି ଅବସରରେ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପରେଶ ଦାସଙ୍କୁ ପୁନର୍ବାର ସଭାପତି ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ଉପ ସଭାପତି ଭାବେ ସ୍ନେହଜିତ ପଲେଇ ଓ ଅକ୍ଷୟ କୁମାର ସାହୁ ଏବଂ ସାଧାରଣ ସମ୍ପାଦକ ଭାବେ ଜଗନ୍ନାଥ ଦାସ, ସମ୍ପାଦକ ଭାବେ ସାବିର ଖାନ, ସଂଗଠନ ସମ୍ପାଦକ ଭାବେ ଧିରେନ୍ଦ୍ର କୁମାର ମିଶ୍ର, ସଂଯୋଜକ ସୋମନାଥ ସାହୁ, ମୁଖ୍ୟ ଉପଦେଷ୍ଟା ପତିତପାବନ ଭଦ୍ର, ଆଇନ ପରାମର୍ଶଦାତା ଆଶିଷ କୁମାର ସେନାପତି ଓ କୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର ପ୍ରଧାନ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଅଧିବେଶନ ପ୍ରାରମ୍ଭରେ ଖବରଦାତା ବେବର୍ତ୍ତ ଅଜୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୋମନାଥ ସାହୁ ସ୍ୱାଗତ ଭାଷଣ ଓ ଓୟୁଜେର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜ୍ୟୋତିର୍ମୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

# ଜଙ୍ଗଲ ଭ୍ରମ ସୃଷ୍ଟି କଲାଣି ଗ୍ରାମ୍ୟ ପାର୍କ

**ଡେରାବିଶ,୪।୧୨ (ବେବର୍ତ୍ତା ଅଜୟ ଦାସ)**

ସରକାରୀ ନିର୍ଦ୍ଦେଶ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ବିଗତ ବର୍ଷରେ ବିଭିନ୍ନ ପଞ୍ଚାୟତରେ ଗ୍ରାମ୍ୟ ପାର୍କ ନିର୍ମାଣ କରାଯାଇଥିଲା। ଲୋକମାନଙ୍କ ଚିତ୍ତ ବିନୋଦନ ପାଇଁ କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ ଆୟୋଗ( ସିଏଫ୍‌ସି ଓ ଏସ୍ଏଫ୍‌ସି) ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ଟଙ୍କା ବିନିମୟରେ ଗ୍ରାମାଞ୍ଚଳରେ ପ୍ରଥମ କରି ସୁନ୍ଦର ପାର୍କ ନିର୍ମାଣ କରାଯାଇଥିବାର ଲୋକମାନଙ୍କ ଆଗ୍ରହ ଦେଖାଯାଇଥିଲା। ବ୍ଲକ ଅଧୀନ ୨୬ ପଞ୍ଚାୟତରେ ଏହି ଗ୍ରାମ୍ୟ ପାର୍କ ନିର୍ମାଣର ବ୍ୟବସ୍ଥା ରହିଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁ ମାତ୍ର ୬ଟି ସମ୍ପୂର୍ଣ୍ଣ ହୋଇଛି । ଅନ୍ୟ ୬ ପାର୍କ ଅର୍ଦ୍ଧ ନିର୍ମିତ ଅବସ୍ଥା ପଡି ରହିଛି। ଅବଶିଷ୍ଟ ୧୪ ପଞ୍ଚାୟତରେ ପ୍ରଶାସନିକ ଅବହେଳା ହେଉ ବା ଅନ୍ୟ କୌଣସି କାରଣରୁ ଏହି ଗ୍ରାମ୍ୟ ପାର୍କ ଏଯାଏ ନିର୍ମାଣ ଆରମ୍ଭ ହୋଇପାରି ନାହିଁ। ଫଳରେ ଉକ୍ତ ଯୋଜନା ଏହି ବ୍ଲକ ଅଞ୍ଚଳରେ ଦିଗହରା ହୋଇଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷେ ନିର୍ମାଣ ସରିଥିବା ପାର୍କଗୁଡିକର ରକ୍ଷଣାବେକ୍ଷଣ ଅଭାବରୁ ଏବେ ଉକ୍ତ ପାର୍କ ଅନାବନା ଗଛରେ ପୁର୍ଣ୍ଣ ହୋଇ ଗ୍ରାମ୍ୟ ଜଙ୍ଗଲର ଭ୍ରମ ସୃଷ୍ଟି କରିଛି।


ପାର୍କରେ ଅନାବନା ଗଛ ଉଠି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି।

### ଦିଗହରା ହେଲାଣି ସରକାରୀ ଯୋଜନା

ବ୍ଲକ ଅଧୀନ ଦାନପୁର, ଗୋଲରାହାଟ, ଖମୋଳ, କୁଶିଆପାଳ, ନରସିଂହପୁର, ଓ ରତାଦିଆ ଖଣ୍ଡସାହି ପଞ୍ଚାୟତରେ ପାର୍କଗୁଡିକ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବ୍ଲକ ଅଧୀନ ବେଣିପୁର, ଜଅଁରା ବାରିମୁଳ, ମଙ୍ଗଳପୁର, ପଲେଇ, ମୁକୁନ୍ଦପୁର ଓ ଏଣ୍ଡର ପଞ୍ଚାୟତରେ ପାର୍କଗୁଡିକ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଅବଶିଷ୍ଟ ପଞ୍ଚାୟତରେ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ତେବେ ପାର୍କର ଏପରି ଦୁରାବସ୍ଥା ସମ୍ପର୍କରେ ବିଡିଓ ନମିତା ବାରିକଙ୍କୁ ଯୋଗାଯୋଗ କରାଯାଇଥିଲା । ସେ କୁହନ୍ତି, ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ମ୍ୟାଟେରିଆଲ ବାବଦକୁ ଅର୍ଥ ପୈଠରେ ସମସ୍ୟା ରହିଥିବାରୁ ଅର୍ଦ୍ଧ ନିର୍ମିତ ପାର୍କ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଅନ୍ୟ ପଞ୍ଚାୟତ ଗୁଡିକରେ ବି ପାର୍କ ନିର୍ମାଣ ଆରମ୍ଭ ହୋଇ ପାରିନାହିଁ। ଅପରପକ୍ଷେ ନିର୍ମାଣ କାର୍ଯ୍ୟ ସରିଥିବା ପାର୍କର ବିପର୍ଯ୍ୟସ୍ତ ଅବସ୍ଥାର ରକ୍ଷଣାବେକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ବ୍ୟବସ୍ଥା କରାଯାଇ ନ ଥିବାରୁ ତାହା ସମ୍ଭବପର ହୋଇ ପାରୁ ନାହିଁ ।

## ସଂକ୍ଷେପରେ

### ବନ୍ୟପ୍ରାଣୀ ସଂରକ୍ଷଣ ଦିବସ

ଆସିକା,୦୪।୧୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର ଚାରିମଇଲିସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏଥିରେ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଟାଟାଷ୍ଟିଲ୍ ପ୍ରତିନିଧି ସୁବ୍ରତ ଦେବତା, ରବିନ୍ଦ୍ରନାଥ ସାହୁ, ରାଜେଶ୍ୱରୀ ବେହେରା, କୃଷ୍ଣସାର ମୃଗ ସୁରକ୍ଷା ସମିତିର ସଭାପତି ଅମୂଲ୍ୟ କୁମାର ଉପାଧ୍ୟାୟ, ଅଧାପକ ଡ.ଅଜିତ କୁମାର ମୁନିଙ୍କ ସମେତ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଏନ୍.ସି.ସି, ରେଡକ୍ରସ୍ ଓ ଜାତୀୟ ସେବା ସଂସ୍ଥାର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

### ପଞ୍ଜୀକୃତ, ଭାଗଚାଷୀଙ୍କଠୁ ଧାନ କିଣିବାକୁ ଦାବି

ଛତ୍ରପୁର,୪।୧୨(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାର ସମସ୍ତ ପଞ୍ଜୀକୃତ ଚାଷୀ ଓ ଭାଗ ଚାଷୀଙ୍କ ଠାରୁ ଧାନ କିଣବାକୁ ଦାବି ହୋଇଛି। ୨ ବର୍ଷରେ ଜିଲାରେ ୩୦ ହଜାର ପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନ କିଣାଯାଇପାରିନି। ଏଣୁ ଚଳିତ ବର୍ଷ ଧାନ କିଣା ପ୍ରକ୍ରିୟାକୁ ଶୃଙ୍ଖଳିତ କରିବାକୁ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ସମ୍ପାଦକ ସିମାଞ୍ଚଳ ନାହାକ ସୂଚନା ଦେଇଛନ୍ତି । ପ୍ରତି ଗ୍ରାମରେ ଧାନ କିଣା କମିଟି ଗଠନ ସହ ଧାନ କିଣା କେନ୍ଦ୍ର ଖୋଲିବା, କଟଣୀ ଛଟଣୀ ବନ୍ଦ କରିବା, ଛୋଟ ଚାଷୀ, ଭାଗ ଚାଷୀ ଓ ନାମମାତ୍ର ଚାଷୀଙ୍କ ଠାରୁ ଧାନ କିଣିବା ଉପରେ ଗୁରୁତ୍ୱ, ସରକାରୀ ନିୟମ ଅନୁଯାୟୀ ପ୍ରତି ସୋସାଇଟି ଓ ମହିଳା ସଂଘ ଦୈନିକ ୫୦୦ କ୍ୱିଣ୍ଟାଲ ଧାନ କିଣାବାକୁ ବାଧ କରିବା, ଜିଲାସ୍ତରୀୟ ଟୋଲ ଫ୍ରି ନମ୍ବର ଜାରି କରିବା, ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ଆବଶ୍ୟକୀୟ ଟାର୍ଗେଟ ଦେବାକୁ ଦାବି ହୋଇଛି।

### ମା' ରତନେଶ୍ୱରୀ ମନ୍ଦିରର ଦାନହୁଣ୍ଡି ଭାଙ୍ଗି ଲୁଟ

ଚିକିଟି,୪।୧୨(ପ୍ରକାଶ ଚନ୍ଦ୍ର ସାହୁ)

ବ୍ରହ୍ମପୁର ପୋଲିସ ଜିଲା କ.ନୂଆଗାଁ ଥାନା ଅର୍ନ୍ତଗତ ମା' ରତନେଶ୍ୱରୀ ମନ୍ଦିରରୁ ମଙ୍ଗଳବାର ମଧରାତ୍ରିରେ କେହି ଦୁର୍ବୃତ୍ତ ମନ୍ଦିରର ୨ଟି ଦାନହୁଣ୍ଡି ଭାଙ୍ଗି ପ୍ରାୟ ୫୦ ହଜାର ଟଙ୍କା ନେଇ ଫେରାର ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାତିରେ ପୂଜକ ମା'ଙ୍କ ପୂଜା କର୍ମ ସାରିବାପରେ ମନ୍ଦିର ତାଲା ପକାଇ ଚାଲିଯାଇଥିଲେ। ବୁଧବାର ପ୍ରତ୍ୟୁଷରେ ଆସି ଦେଖିବା ବେଳକୁ ମୁଖ୍ୟ ଫାଟକ ଏବଂ ମନ୍ଦିର ପରିସରରେ ଥିବା ଦାନହୁଣ୍ଡି ଏହିପରି ଦୁଇଟି ଦାନହୁଣ୍ଡିରୁ ଚୋରିକରି ନେଇ ଫେରାର ହୋଇଯାଇଥିବା ଜାଣିବାକୁ ପାଇଥିଲେ। ମନ୍ଦିର ପୂଜାରୀ ଅମର କୁମାର ପାଣିଗ୍ରାହୀ କ.ନୂଆଗାଁ ଥାନାରେ ଏତଲା ଦେବାପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସେହିଭଳି ୨୦୨୩ ଜୁଲାଇ ମାସରେ ମା'ଙ୍କ ଦାନହୁଣ୍ଡି, ମା'ଙ୍କ ରୁପାର ଅଳଙ୍କାର ନେଇ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ଏହିଭଳି ବାରମ୍ବାର ମା'ଙ୍କ ମନ୍ଦିରରୁ ଚୋରି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

# ହେଲାନି ୩ ପର୍ଯ୍ୟଟନ ସ୍ଥଳୀର ବିକାଶ



ଗଜପତିର ଏକ ପର୍ଯ୍ୟଟନ ସ୍ଥଳୀ।

ପାରଳାଖେମୁଣ୍ଡି,୪।୧୨(ଗିରିଧାରୀ ପରିଛା)

ଉପାନ୍ତ ଅଞ୍ଚଳର ପାଇଁ ସରକାର ତତ୍ପରତା ଦେଖାଉଥିବା ବେଳେ ଗୁମ୍ମା ବ୍ଲକର ତିନୋଟି ପର୍ଯ୍ୟଟନ ସ୍ଥଳୀର ବିକାଶ ଆଜି ପର୍ଯ୍ୟନ୍ତ ହୋଇନାହିଁ। ତତ୍କାଳୀନ ସରକାର ସ୍ଥାନୀୟ ଜନସାଧାରଣଙ୍କ ଦାବି ଅନୁଯାୟୀ ୧କୋଟି ୯୨ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ। ଗୁମ୍ମା ଅଞ୍ଚଳର ଔଷଧୀୟ ବୃକ୍ଷ ପ୍ରାକୃତିକ ନୈସିର୍ଗିକ ସୁନ୍ଦରତା, ଶାନ୍ତ ନ୍ଶୀତଳ ସମୀରର ଅନୁଭୂତି ହେଉଛି ଦେବଗିରି ପାହାଡ଼ ବୈଶିଷ୍ଟତା। ଦେବଗିରି ପାହାଡ଼ର ବିକାଶ ପାଇଁ ୧କୋଟି ୨୩ ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ସେହିପରି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଜଳପ୍ରପାତ ତଥା ପାହାଡ଼ ପର୍ବତ ଘେରା ସବୁଜିମା ମଧରେ ଥିବା ତାରା ତାରିଣୀ ଜଳ ପ୍ରପାତର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୨୯ ଲକ୍ଷ ଟଙ୍କା ଏବଂ ଗୁମ୍ମା ବ୍ଲକ ଅନ୍ତର୍ଗତ ମୁନୁସିଂ ପଞ୍ଚାୟତର ଗାନ୍ତରା ବଣଭୋଜି ସ୍ଥଳୀଠାରେ ଭିୟୁ ପଏଣ୍ଟ ନିର୍ମାଣ କରିବା ପାଇଁ ୪୦ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା। ପର୍ଯ୍ୟଟନ ସ୍ଥଳୀର ବିକାଶ ହେଲେ ଅଞ୍ଚଳରେ ରୋଜଗାର ବୃଦ୍ଧି ପାଇବ ବୋଲି ସ୍ଥାନୀୟ ଅଧିବାସୀ ଲଳିତ ମୋହନ ଦଣ୍ଡସେନା, ନିତ୍ୟାନନ୍ଦ ପାଲକା, ପ୍ରଦୀପ ହୋତା, କେଶବ ଶବର, ଅନୁଲୁୟ ଗମାଙ୍ଗ, ରାଜୁ ନାୟକ ଓ ଲକ୍ଷ୍ମୀ ପାଇକ ପ୍ରମୁଖ କହିଛନ୍ତି। ଏନେଇ ଜିଲାପାଳ ବିଜୟ କୁମାର ଦାଶଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏହି କାର୍ଯ୍ୟଟି ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ(ଓସିସି)କୁ ହସ୍ତାନ୍ତର କରାଯାଇଛି। ଅଗାମୀ ଦିନରେ ସେସବୁ ସ୍ଥାନର ଅନୁସନ୍ଧାନ କରାଯାଇ ବିଭାଗୀୟ ଅଧିକାରୀଙ୍କ ସହିତ ଏନେଇ ଆଲୋଚନା କରାଯିବ। ସେହିପରି ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆସିଥିବା ଅନୁଦାନ ଟଙ୍କା ପ୍ରଶାସନ ଖର୍ଚ୍ଚ ନ କରିବା ଅନୁତାପର ବିଷୟ। ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

**ଅନୁଦାନକୁ ଏକ ବର୍ଷ ପୂରିଲା**

# ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣା, ଜେଲ ଗଲେ ଅଭିଯୁକ୍ତ

ଦିଗପହଣ୍ଡି,୪।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ନରସିଂହପୁର ଗ୍ରାମର ଜି.ବଂଶୀ ଦୋରାଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ବି.କାର୍ତ୍ତିକେଶ୍ୱର ଦୋରାଙ୍କୁ ବୁଧବାର ତଦନ୍ତକାରୀ ଅଧିକାରୀ ଏସ୍ଆଇ ଦୁଷ୍ମନ୍ତ କୁମାର ପ୍ରଧାନଙ୍କୁ କୋର୍ଟ ଚାଲାଣ କରିଛନ୍ତି। ମଙ୍ଗଳବାର ରାତି ସାଢ଼େ ୮ଟାରେ ତାଙ୍କୁ ଗିରଫ କରାଯାଇଥିଲା। ଥାନା ମାମଲା ନଂ.୪୭୫/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୋମବାର ରାତି ପ୍ରାୟ ସାଢ଼େ ୮ ଟାରେ ଜି.ବଂଶୀ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଗ୍ରାମର ହନୁମାନ ମନ୍ଦିର ସମ୍ମୁଖରେ କାର୍ତ୍ତିକଙ୍କ ସମେତ ଅନ୍ୟ ୮ ଜଣ ତାଙ୍କୁ ପୂର୍ବ ଯୋଜନା ପ୍ରକାରେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମର ଏମ୍‌ଜିଏନଆରଜିଏସ ଯୋଜନାରେ ରାସ୍ତାକାମକୁ ନେଇ ଘଟଣା ଦିନ ସନ୍ଧ୍ୟାରେ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମର ୨ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ମାରପିଟ ହୋଇଥିଲା। ପରେ ଗୋଟିଏ ଗୋଷ୍ଠୀ ଗାଁକୁ ଫେରି ବଂଶୀଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ ବୋଲି ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

# ନୌସେନା ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଏନ୍‌ସିସି ଛାତ୍ର ।

ରମ୍ଭା,୪।୧୧ (ବନବାସୀ ସେଠୀ)

ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟରେ ନୌସେନା ଦିବସ ପ୍ରଧାନଶିକ୍ଷକ ଗୋପୀନାଥ ବେହେରାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଅଜିତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏନସିସି ଛାତ୍ରଙ୍କୁ ନେଇ ସହର ପରିକ୍ରମା କରିବା ସହ ଚିଲିକା ଜେଟିରେ ନୌକା ବିହାର କରାଯାଇଥିଲା। ଶିକ୍ଷକ ଜଗବନ୍ଧୁ ପ୍ରଧାନ, ଆଶିଷ କୁମାର ମହାପାତ୍ର, କୃଷ୍ଣ ଚନ୍ଦ୍ର ବାଡତ୍ୟା, ବିକ୍ରମ କୁମାର ପଲେଇ, ଶିକ୍ଷୟିତ୍ରୀ ଶ୍ରୀୟା ଦେବୀ ସ୍ୱାଇଁ, ରୋଜାଲିନ ମହାପାତ୍ର, ଶୁଭଶ୍ରୀ ସାରଳା ପରିଡ଼ା, ରାମିତ୍ରୀ ଶବର, ଅନିତା ଜେନା ପ୍ରମୁଖ ମଞ୍ଚାସିନ ଥିଲେ। ଏନ୍‌ସିସି ଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା।

## ଭିଜିଲାନ୍ସ ପୋଲିସ କହି ଟଙ୍କା, ମୋବାଇଲ ଲୁଟ ଘଟଣା

# ୩ ମାସ ପରେ ଡକାୟତ ଗିରଫ

ଖଜୁରୀପଡ଼ା, ୪।୧୨ ( ବିଦୁର ବେହେରା)

ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳର ବସନ୍ତ ନାହାକ ନାମକ ଜଣେ ପୋଲିସ କନ୍‌ଷ୍ଟେବଲ ଅନେକ ସମୟରେ ଗଞ୍ଜେଇ ଚୋରା ଚାଲାଣ କରିବା, ଚୋରି, ଡକାୟତି, ଅପହରଣ ଭଳି ଅନେକ ମାମଲାରେ ଜଡିତ ରହିବାରୁ ତାଙ୍କୁ ବହିଷ୍କାର କରାଯାଇଥିଲା । ତାଙ୍କ ନାମରେ ଏକାଧିକ ଥାନାରେ ଚୋରି, ଡକାୟିତ, ଅପହରଣ, ଗଞ୍ଜେଇ ଚୋରା ଚାଲାଣ ନେଇ ମାମଲା ରହିଛି। ଖଜୁରୀପଡ଼ା ଥାନା ଅଞ୍ଚଳରେ ୨୦୨୪ ସେପ୍ଟେମ୍ବରରେ ହାଇୱା ଗାଡ଼ି ଅଟକାଇ ଡକାୟତି କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ନଂ. ୧୪୩/୨୪ରେ ମାମଲା ରୁଜୁ କରିଥିଲା। ଥାନା ଅଧିକାରୀ ଚାପଧାରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇ ତଦନ୍ତ ଚାଲିଥିଲା। ତାଙ୍କ ମୋବାଇଲ ଟ୍ରାକ୍ କରି ମଙ୍ଗଳବାର ଫୁଲବାଣୀ କୋର୍ଟ ସମ୍ମୁଖରୁ ବସନ୍ତଙ୍କୁ ଗିରଫ କରାଯାଇଥିଲା। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ୩ମାସ ତଳେ ବୌଦ୍ଧ ଜିଲା ହରଭଙ୍ଗା ଅଞ୍ଚଳରୁ ଚିପ୍ସ ବୋଝେଇ ଏକ ହାଇୱା ଟ୍ରକ୍ ଖଜୁରୀପଡା ଅଞ୍ଚଳରେ ଚିପ୍ସ ଖାଲିକରି ହରଭଙ୍ଗା ଫେରୁଥିବା ସମୟରେ ଗାଡ଼ିଆପଡା ନାଳଠାରେ ହାଇୱା ରଖି ଚାଳକ ଶୌଚ ହେବାକୁ ଯାଇଥିଲେ । ଏହି ସମୟରେ ଡକାୟତ ଦଳ ଏକ ବୋଲେରୋ (ଓଡି ୦୨ ବିୟୁ୨୨୮୯)ରେ ଆସି ହାଇୱା ପାଖରେ ଅଟକିଥିଲେ। ଚାଳକ ଧୀରେନ ବେହେରାଙ୍କୁ ସେମାନେ ଭିଜିଲାନ୍ସ ପୋଲିସ କହି ଧମକାଇଥିଲେ। ଧୀରେନ ଏବଂ ହେଲ୍‌ପରଙ୍କୁ ମାଡ଼ ମାରି ସେମାନଙ୍କ ଫୋନ ଓ ୨୦ ହଜାର ଟଙ୍କା ଛଡାଇ ନେଇ ଭୁବନେଶ୍ୱର ରାସ୍ତାରେ ଫେରାର ହୋଇଯାଇଥିଲେ। ସେମାନଙ୍କ ବ୍ୟବହାରକୁ ସନ୍ଦେହ କରି ଧୀରେନ ଏନେଇ ଖଜୁରୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଧୀରେନ ଦେଇଥିବା ବୋଲେରୋ ନମ୍ବରକୁ ଯାଞ୍ଚ କରି ପୋଲିସ ଏହାର ମାଲିକଙ୍କ ସହ ଯୋଗାଯୋଗ କରି ଖୋର୍ଦ୍ଧା ଶ୍ରୀରାମ ନଗର ଅଞ୍ଚଳର ବୋଲେରୋ ଚାଳକ ସନ୍ତୋଷ ସ୍ୱାଇଁଙ୍କୁ ଗିରଫ କରିଥିଲା। ଏବେ ବସନ୍ତଙ୍କୁ ଗିରଫ କରାଯାଇଛି।


ଗିରଫ ହୋଇଥିବା ବସନ୍ତ।

## 'ଧରିତ୍ରୀ'ର ପ୍ରଭାବ

### ଖବର ପ୍ରସାରଣ ପରେ ଜଳିଲା ଷ୍ଟ୍ରିଟଲାଇଟ୍


ଷ୍ଟ୍ରିଟ ଲାଇଟ୍

ପୋଲସରା,୪।୧୨(ସୁବ୍ରତ ବେହେରା)

ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ହାଇସ୍କୁଲ ଛକ ମୁଖ୍ୟ ସଡ଼କ ରାସ୍ତାରେ ଥିବା ଷ୍ଟ୍ରିଟଲାଇଟ୍ ଜଳୁନଥିଲା। ରାସ୍ତା ଅନ୍ଧାର ରାସ୍ତ ଯୋଗୁ ଜନସାଧାରଣ ଯିବା ଆସିବାରେ ଅସୁବିଧା ହେଉଥିଲା ଉକ୍ତ ଷ୍ଟ୍ରିଟଲାଇଟ୍‌କୁ ମରାମତି କରିବା ପାଇଁ ଅଞ୍ଚଳରେ ଦାବି ହୋଇଥିବା ବେଳେ 'ଧରିତ୍ରୀ' ଖବର କାଗଜରେ ପ୍ରକାଶ ପାଇଥିଲା। ଖବର ପ୍ରସାରଣ ପରେ ଉକ୍ତ ସମସ୍ୟାର ସମାଧାନ ପାଇଁ ପୋଲସରା ନାଗରିକ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଏକ ଟୁଇଟ୍ ମାଧ୍ୟମରେ ଜଣାଇଥିଲେ। ଏହା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇ ଜଳୁନଥିବା ଷ୍ଟ୍ରିଟଲାଇଟ୍‌କୁ ମରାମତି କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ରଷି ମାଝି କହିଛନ୍ତି।

# ଛଟେଇ ପ୍ରତିବାଦରେ ବିଦ୍ୟୁତ୍ କର୍ମଚାରୀ ମହାସଂଘର ଧାରଣା



ଧାରଣାରତ କର୍ମଚାରୀମାନେ।

ପୁରୁଷୋତ୍ତମପୁର,୪।୧୨(ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଡିଭିଜନ ବିଦ୍ୟୁତ୍ ବିଭାଗ କର୍ମଚାରୀ ମହାସଂଘ କାର୍ଯ୍ୟନିର୍ବାହି ଯନ୍ତ୍ରୀଙ୍କ କାର୍ଯାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହା ସହ ବିଭାଗ ଭିଜିଲାନ୍ସ ଅଧିକାରୀଙ୍କ ଅନିୟମିତା ବିରୋଦ୍ଧରେ ନାରାଦେଇଥିଲେ। ଏପରିକି ଏକସ୍ମାରକ ପତ୍ର କାର୍ଯ୍ୟନିର୍ବାହି ଯନ୍ତ୍ରୀଙ୍କୁ ପଦାନ କରିଛନ୍ତି। କିଛି କର୍ମଚାରୀଙ୍କୁ କୌଣସି ପ୍ରମାଣନଥାଇ ବିଦ୍ୟୁତ୍ ବିଭାଗ ଭିଜିଲାନ୍ସ ମାନସିକଚାପ ପକାଇ କାର୍ଯ୍ୟରୁ ବହିସ୍କୃତ କରିଛନ୍ତି। ସେମାନେ ନିଜ ପରିବାର ପ୍ରତିପୋଷଣରେ ସମସ୍ୟା ଭୋଗିବାରେ ଲାଗିଛନ୍ତି। ଅନ୍ୟ ଜଣେ କର୍ମଚାରୀଙ୍କୁ ଏପରିକି ସେଫ୍ଟି ସାର୍ଟିଫିକେଟର କାରଣ ଦର୍ଶାଇ ଛଟେଇ କରାଯାଇଛି। ଏଣୁ ତୁରନ୍ତ ଏହାର ସମାଧାନକରି ସେମାନଙ୍କୁ ପୁନଃ ନିଯୁକ୍ତି ଦିଆନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କର୍ମଚାରୀ ମାନେ ଚେତାବନୀ ଦେଇଛନ୍ତି।

# ଗଜପତି ମହୋତ୍ସବ ପ୍ରସ୍ତୁତି ଆରମ୍ଭ

**ମହେନ୍ଦ୍ରଗିରି ଶିଖରରୁ ଆସିଲା ମଶାଲ**


ମହେନ୍ଦ୍ରଗିରି ଶିଖରରୁ ଆସିଥିବା ମଶାଲକୁ ଅତିଥି ଗ୍ରହଣ କରୁଛନ୍ତି।

ପାରଳାଖେମୁଣ୍ଡି,୪।୧୨(ଗିରିଧାରୀ ପରିଛା)

ଗଜପତି ମହୋତ୍ସବ ୨୦୨୪ ପାଇଁ ବିଗୁଲ ବାଜିଛି। ପରମ୍ପରା ଅନୁସାରେ ମହେନ୍ଦ୍ରଗିରି ଶିଖରରୁ ମଶାଲ ଅଣାଯାଇଛି। ଫଳରେ ବୁଧବାରଠାରୁ ଆନୁଷ୍ଠାନିକ ଭାବେ ଗଜପତି ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ମଶାଲ ଆସିବା ପରେ ଜିଲାର ବିଭିନ୍ନ ବ୍ଲକ ପରିକ୍ରମା କରିଥିଲା। ସବୁଠି ମଶାଲକୁ ସ୍ଥାନୀୟ ବାସିନ୍ଦା ଭବ୍ୟ ସ୍ୱାଗତ କରଥିଲେ। ପରେ ସନ୍ଧ୍ୟାରେ ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପ ନିକଟରେ ମଶାଲ ପହଞ୍ଚିବା ସମୟରେ ମହିଳାମାନେ ଏହାକୁ ସ୍ୱାଗତ କରିଥିଲେ। ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ପରେ ଏକ ବିରାଟ ପଟୁଆରରେ ମଶାଲକୁ ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର ନିକଟକୁ ଅଣାଯାଇଥିଲା । ସେଠାରୁ ବ୍ଲକସ୍ତରୀୟ ମହୋତ୍ସବ ପାଇଁ ଗୁମ୍ମା ବ୍ଲକର ଦେବଗିରି ଓ କାଶୀନାଗରର ବାରାଣସୀ ମହୋତ୍ସବ ପାଇଁ ମଶାଲରେ ଶିଖା ନେଇ ନିଜ ବ୍ଲକ ଅଭିମୁଖେ ଯାତ୍ରା କରିଥିଲେ। ପରେ ଜଗନ୍ନାଥ ମନ୍ଦିରରେ ଜିଲାସ୍ତରୀୟ ଗଜପତି ଉତ୍ସବର ଏହି ମଶାଲକୁ ରଖାଯାଇଥିଲା । ୮ତାରିଖରୁ ଜିଲାର ବିଭିନ୍ନ ବ୍ଲକସ୍ତରୀୟ ଉତ୍ସବ ପାଳନ ହେବ। ଆସନ୍ତା ୧୮ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ପାରଳାଖେମୁଣ୍ଡି ସଦର ମହକୁମାରେ ଜିଲାସ୍ତରୀୟ ଉତ୍ସବ ପାଳନ ହେବ ବୋଲି ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ କହିଛନ୍ତି । ଏହି ସ୍ୱାଗତ ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲାପାଳ ଅନୁପ ପଣ୍ଡା, ତହସିଲଦାର ନାରାୟଣ ବେହେରା ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଜ୍ୟ ସୁରଭି କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ଡିଇଓ

ଛତ୍ରପୁର,୪।୧୨ (ଦିଲୀପ ସାମଲ)

ଛତ୍ରପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି –୨୦୨୪' ଓ ରାଜ୍ୟସ୍ତରୀୟ କଳା ଉତ୍ସବରେ ଗଞ୍ଜାମ ଜିଲାରୁ ପ୍ରତିନିଧିତ୍ୱ କରି ରାଜ୍ୟ ସ୍ତରରେ ବିଭିନ୍ନ ବିଭାଗରେ ପୁରସ୍କୃତ ହୋଇ ଗଞ୍ଜାମ ଜିଲା ପାଇଁ ଗୌରବ ଆଣିଥିବା ଛାତ୍ରୀଛାତ୍ରଙ୍କୁ ଗଞ୍ଜାମ ଜିଲା ଶିକ୍ଷାଧିକାରୀ (ଡିଇଓ) ଅମିତା ପଟ୍ଟନାୟକ ଓ ଜିଲା ଆଦିବାସୀ ଶିକ୍ଷା ସଂଯୋଜକ ଡ. ସରୋଜ ମୋହନ ପାଳ ଛତ୍ରପୁରରେ ବୁଧବାର ଏକ କାର୍ଯ୍ୟକ୍ରମରେ ପୁରସ୍କୃତ କରିଛନ୍ତି। ସେମାନେ ହେଲେ ଆସିକା ବ୍ଲକର ଥିବା ଓଏଭି ଛାତ୍ର ଚନ୍ଦ୍ର ଶେଖର ଜେନା, ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଆଶୁତୋଷ ଚୌଧୁରୀ, ବିପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଡଗଡର ହରିହର ସାହୁ, ଜିଜେ ଉଚ୍ଚ ବିଦ୍ୟାଳୟ ସିକୁଳାର ଛାତ୍ରୀ ଲିପସାରାଣୀ ମହାପାତ୍ର, କେଏସୟୁବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଞ୍ଜନଗରର ଶତାବ୍ଦୀ ତ୍ରିପାଠୀ, ଓଏଭି ଶତ୍ରୁଶୋଳର ଛାତ୍ରୀ ସୋନାଲିଶା ସାହୁ, ଦୀପକ ବେହେରା, ଜଉଗଡ ଉଚ୍ଚ ବିଦ୍ୟାଳୟର ଛାତ୍ର ଭବାନୀ ଶେଖର ବେହେରା ଏବଂ କଳା ଉତ୍ସବରେ ବାଦ୍ୟଯନ୍ତ୍ରରେ ଭୂତ ସରସିଙ୍ଗି ଉଚ୍ଚ ବିଦ୍ୟାଳୟର ଛାତ୍ର ଜି.ପପ୍ପୁ ରେଡ୍ଡୀ ଅଛନ୍ତି।

# ମହିଳା ଖୋ–ଖୋ ପ୍ରତିଯୋଗିତା

ଜି.ଉଦୟଗିରି,୪।୧୨
(ଚିନ୍ମୟ କୁମାର ସେଠୀ)


ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ଅତିଥି

ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟଠାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୧୦ମ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ମହିଳା ଖୋ–ଖୋ ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ମହାବିଦ୍ୟାଳୟର ଅଧକ୍ଷ ସୁଧାଂଶୁ ଶେଖର ମେହେର ଉଦ୍‌ଘାଟନ କରିଥିବା ବେଳେ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବଳରାମ ସାହୁ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ୧୩ଟି ମହାବିଦ୍ୟାଳୟର ୧୭୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ପରିଦର୍ଶକ ଭାବେ ରାଜେଶ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ସରୋଜ କୁମାର ପାଢ଼ୀ, କେ.ରଘୁନାଥ ରେଡ୍ଡି, କେ.ଶ୍ରୀନିବାସ ଦୋରା, ପ୍ରଣୟ ରଞ୍ଜନ ଦାସ ଏବଂ ସନ୍ତୋଷ କୁମାର ବିଷୋୟୀ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ସରୋଜ କୁମାର ଦାଶ, କ୍ରୀଡା ସଂସଦ ଉପସଭାପତି ଆବେଦ୍ ମଣ୍ଡଳ, ସହ ସଭାପତି ସଂଗ୍ରାମ କେଶରୀ ପଣ୍ଡା ଏବଂ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

# ଘାଟିରେ ଓଲଟିଲା ଟ୍ରକ, ଚାଳକ ମୃତ

ଦିଗପହଣ୍ଡି/ପାଟପୁର,୪।୧୨
(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ଗଞ୍ଜାମ–ଗଜପତି ସୀମାନ୍ତ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଘାଟିରେ ଭାରସାମ୍ୟ ହରାଇ ଡ୍ରେସ ବୋଝେଇ ଟ୍ରକ (ନଂ.ଆର ଜେ ୧୧ ଜିସି –୬୩୮୨) ଓଲଟି ପଡ଼ିଛି। ଦୁର୍ଘଟଣାରେ ଚାଳକ ଟ୍ରକ ତଳେ ଚାପି ହୋଇ ରହିଥିଲେ। ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଏବଂ ପୋଡ଼ାମାରି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଟ୍ରକ ଚାଳକଙ୍କୁ ମୃତଘୋଷଣା କରିଥିଲେ। ମୃତକ ଗାଡ଼ି ଚାଳକ ଜଣକ ହେଲେ ହରିୟାଣା ଫରିଦା ବାଦ ଥାନା ସୋତାଇ ହୋଲି ଛକର ସୋହନ ସିଂ। ପାଟପୁର ଥାନା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ବୁଧବାର ସକାଳେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ।

## ରବି ଫସଲ ଲାଗି ପାଣି ଚିନ୍ତା

# ୩୬୬ ଉଠାସେଚ, ୮୯ ବୋରୱେଲ ଅଚଳ

ଛତ୍ରପୁର,୪।୧୨(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ଖରିଫ ଫସଲ ସମୟରେ ବର୍ଷା ଅଭାବରୁ ଜଳଭଣ୍ଡାର ଗୁଡ଼ିକରୁ କେନାଲକୁ ଆବଶ୍ୟକ ପାଣି ଛଡ଼ା ଯାଇପାରି ନ ଥିଲା। ଏବେ ଆଗାମୀ ରବି ଫସଲ ଲାଗି ପାଣି ଚିନ୍ତା ବଢ଼ିଯାଇଛି। ରବି ଫସଲ ପାଇଁ ସାଧାରଣତଃ ଚାଷୀ ମାନଙ୍କୁ ଉଠା ଜଳସେଚନ ପ୍ରକଳ୍ପ ଓ ଗଭୀର ବୋରୱେଲ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଅନେକ ଚାଷୀ ପାଣିର ଅଭାବ କାରଣରୁ ରବି ଫସଲ କରିବାକୁ ଇଚ୍ଛା ପ୍ରକାଶ କରୁନଥିବା ଦେଖିବାକୁ ମିଳିଛି । ଫଳରେ ଚାଷୀ ମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସୁନି। ବହୁ ଉଠା ଜଳସେଚନ ପ୍ରକଳ୍ପ ଓ ଗଭୀର ବୋରୱେଲ ଅଚଳ ରହିଥିବା ଏକ ସମୀକ୍ଷା ବୈଠକରୁ ସୂଚନା ମିଳିଛି । ସୂଚନା ଅନୁସାରେ, ଜିଲାରେ ୩୬୬ ଟି ଉଠା ଜଳସେଚନ ପ୍ରକଳ୍ପ ଅଚଳ ରହିଛି । ଯାହାଫଳରେ ୫୯୪୪ ହେକ୍ଟର ଜମି ଜଳସେଚନ ସୁବିଧା ମିଳିପାରୁନି । ଜିଲାରେ ୧୯୯୪ ଉଠା ସେଚ ପ୍ରକଳ୍ପ ରହିଛି । ଯାହାକି ୩୭୩୫୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ଦେବା କଥା । ମାତ୍ର ଜିଲାରେ ୧୬୨୮ ଉଠା ସେଚ ପ୍ରକଳ୍ପରୁ ୨୯୯୨୭ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇପାରୁଥିବା ଉକ୍ତ ବୈଠକରୁ ସୁଚନା ମିଳିଛି। ସେହିପରି ଜିଲାରେ ୮୯ ଗଭୀର ବୋରୱେଲ ଅଚଳ ରହିଛି । ଫଳରେ ୪୪୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିପାରୁନି । ଜିଲାରେ ୩୧୪୧ ଗଭୀର ବୋରୱେଲ ରହିଛି ଏବଂ ଏଥିରୁ ଜିଲାର ୧୪୪୮୦ ହେକ୍ଟର ଜମିକୁ ପାଣି ମିଳିବା କଥା । ମାତ୍ର ୩୦୫୨ଗଭୀର ବୋରୱେଲ ରୁ ୧୪୦୩୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳୁଥିବା କୁହାଯାଇଛି। ଗତ ବର୍ଷ ଓ ଚଳିତ ବର୍ଷ ଜିଲାରେ ୨୬୨ ଉଠା ଜଳସେଚନ ପ୍ରକଳ୍ପ କୁ ବିଭିନ୍ନ ଯୋଜନାର ସଚଳ କରାଯାଇଛି । ଏଥିସହ ଆଉ ୩୪୨ ଉଠା ଜଳସେଚନ ପ୍ରକଳ୍ପକୁ ସଚଳ କରିବା କାର୍ଯ୍ୟ ଚାଲୁ ରହିଥିବା ସୂଚନା ଦିଆଯାଇଛି।

# ଶୀତଳଭଣ୍ଡାର ନ ଥିବାରୁ ଚାଷୀ ହତାଶ

- ଯୁବକୃଷି ଉଦ୍ୟୋଗୀ ଦାଦନମୁହାଁ
- ଚାଷକରି ଚାଷୀ ଲାଭପାଉନି

ପଟ୍ଟାମୁଣ୍ଡାଇ,୪।୧୨ (କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ ଅଞ୍ଚଳର ଏକ ଜମିରେ ପରିବା ଚାଷ କରାଯାଇଛି ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଗୋଟିଏ ପୌର ପରିଷଦ ଓ ୩୧ ପଞ୍ଚାୟତରେ ପାଖାପାଖି ୨.୫ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିଲାବେଳେ ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରି ଜୀବନଜୀବିକା ନିର୍ବାହ କରିଥାନ୍ତି। କୃଷି ଉତ୍ପାଦିତ ଦ୍ରବ୍ୟକୁ ବିକ୍ରି କରି ନିଜର ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବାରେ ଏହି ଅଞ୍ଚଳର କୃଷକ ସିଦ୍ଧହସ୍ତ। ହେଲେ ଯେଉଁମାନେ କୃଷି ଉପରେ ଭରସା କରି ନିଜର ଆଗାମୀ ଭବିଷ୍ୟତ ଓ ତେଲଲୁଣର ସଂସାରକୁ ଗଢ଼ିବା ପାଇଁ ସ୍ୱପ୍ନ ଦେଖୁଛନ୍ତି ସେମାନେ ମଧ୍ୟ ବହୁ ସମୟରେ ହତାଶ ହେଉଛନ୍ତି। କୃଷି ସାମଗ୍ରୀର ଉଚିତ ଦର ମିଳୁ ନ ଥିବାବେଳେ ଶୀତଳଭଣ୍ଡାର ଅଭାବରୁ ଅଧିକାଂଶ ସମୟରେ ଉତ୍ପାଦିତ ସାମଗ୍ରୀ ନଷ୍ଟ ହେଉଛି। ଅର୍ଥକରୀ ଫସଲ ଭାବେ ପରିଚିତ ପନିପରିବା ରକ୍ଷଣାବେକ୍ଷଣ ଅଭାବରୁ ପଚି ନଷ୍ଟ ହେଉଛି। ଫଳରେ ଶିକ୍ଷିତ ଯୁବକୃଷି ଉଦ୍ୟୋଗୀମାନେ ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବଜାରରେ ଦିନକୁ ଦିନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଆଳୁ, ପିଆଜର ଦର ବୃଦ୍ଧି ନେଇ ଚାରିଆଡେ ଚର୍ଚ୍ଚା ହେଉଥିବାବେଳେ କିଛିଦିନ ହେବ ପରିବା ଦର ୮୦ରୁ ୧୦୦ ଟଙ୍କା ହୋଇଛି। ଅମଳ ବେଳେ ଏଠିକାର ଚାଷୀ ପନିପରିବା ୧୦ରୁ ୨୦ ଟଙ୍କାରେ ବେପାରୀକୁ ଦେଇଦେଉଛନ୍ତି। ଖାଉଟି ବଜାରରେ ତାହା ୩୦/୪୦ ଟଙ୍କାରେ ବିକ୍ରି କରୁଥିଲେ। ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଅତିକଷ୍ଟରେ ଫଳାଇଥିବା ପନିପରିବାକୁ ଶସ୍ତାରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ତେଣୁ ନିଜ ଅଞ୍ଚଳରେ ଶୀତଳଭଣ୍ଡାର ପ୍ରତିଷ୍ଠା କରିବାକୁ ସବୁଠି ଦାବି ଉଠୁଛି। ଯୁବନେତା ସତ୍ୟପ୍ରିୟ ସାମଲ କହିଛନ୍ତି, ଗତ ନିର୍ବାଚନୀ ଇସ୍ତାହାରରେ ଭାଜପା ସବୁ ବ୍ଲକରେ ଶୀତଳଭଣ୍ଡାର କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଭାଜପା ସରକାରକୁ ଆସିବା ପରେ ରାଜ୍ୟର ପ୍ରତି ବ୍ଲକରେ ଶୀତଳଭଣ୍ଡାର ଖୋଲିବାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରସ୍ତୁତି ଆରମ୍ଭ କରିଥିବା ସୂଚନା ଦେଇଛନ୍ତି। ପଟ୍ଟାମୁଣ୍ଡାଇର ଚାଷ ଓ ଚାଷୀର ଭାଗ୍ୟକୁ ବଦଳାଇବା ପାଇଁ ଶୀତଳଭଣ୍ଡାର ଖୋଲିବା ଜରୁରୀ ବୋଲି ଶତାଧିକ କୃଷକ ରାଜ୍ୟ ସରକାର, କୃଷିମନ୍ତ୍ରୀ, ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏହି ଅଞ୍ଚଳରେ ୧୯ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମି ରହିଥିଲାବେଳେ ଖରିଫରେ ୧୦ ହଜାର ହେକ୍ଟର ଜମିରେ ଧାନ ଚାଷ ହେଇଥାଏ। ପ୍ରାୟ ୫ ହଜାର ହେକ୍ଟର ଜମିରେ ପନିପରିବା ଚାଷ ହେଉଥିବାବେଳେ ଜଳ ପରିଚାଳନା ତ୍ରୁଟି ଓ କିସମ ପରିବର୍ତ୍ତନ କାରଣରୁ ୪ ହଜାର ହେକ୍ଟର ଜମି ପଡ଼ିଆ ପଡ଼ିଥାଏ। ସେହିଭଳି ରବି ଫସଲ ବେଳେ ପ୍ରାୟ ୧୨ ହଜାର ହେକ୍ଟର ଜମି ପଡ଼ିଆ ରହୁଥିବା ବେଳେ ୭ ହଜାର ହେକ୍ଟର ଜମିରେ ପନିପରିବା ଏବଂ ଡାଲି ଜାତୀୟ ଫସଲ ହୁଏ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଚାଷୀ ଅଜୟ ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଶେଷକରି ପୋଟଳ, ଟମାଟୋ, କାକୁଡ଼ି, କୋବି, ଆଳୁ, ଝୁଡୁଙ୍ଗ, ବିନ୍ ଆଦି ବିଭିନ୍ନ ରବି ଜାତୀୟ ଶସ୍ୟ ଉତ୍ପାଦିତ ହୋଇଥାଏ। ଏ ସବୁର ସଦୁପଯୋଗ ପାଇଁ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି। ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଏସବୁ ଶସ୍ୟ ଉତ୍ପାଦିତ କରୁଥିଲା ବେଳେ ଠିକ୍ ମୂଲ୍ୟ ପାଇପାରୁନାହାନ୍ତି। ଫଳରେ ଚାଷୀ ଉଚିତ ମୂଲ୍ୟ ନ ପାଇ ବହୁ କ୍ଷତି ସହିବାକୁ ପଡ଼ୁଛି। ଏହି ଅଞ୍ଚଳର ମୃତ୍ତିକା ଅନୁକୂଳ ଓ ଉର୍ବର ହୋଇଥିବାରୁ ବାର୍ଷିକ ୧୦ ଟନ ଲେଖାଏ ଉତ୍ପାଦିତ ଫସଲ ସୁରକ୍ଷିତ ରଖିବା ପାଇଁ ସୁବିଧା ନାହିଁ। ନରେନ୍ଦ୍ର ଧଳ କହିଛନ୍ତି, ଗତ ସାମୁଦ୍ରିକ ଝଡ଼ 'ଦାନା' ପ୍ରଭାବରେ ଲକ୍ଷାଧିକ ଟଙ୍କାର ପନିପରିବା ନଷ୍ଟ ହୋଇଥିବା ଜଣାପଡ଼ିଛି। କୃଷି ବିଭାଗ ପକ୍ଷରୁ ଏହି ଅଞ୍ଚଳକୁ ସର୍ଭେ କରାଯାଇ ସରକାରୀ ଭାବେ ଯଦି ଶୀତଳଭଣ୍ଡାର ଖୋଲା ଯାଇପାରନ୍ତା ୮୦ ଭାଗ ଚାଷୀ ଉପକୃତ ହୋଇପାରନ୍ତେ।

ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କୁ ପଚାରିବାରୁ, କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ଅନେକ ଅଞ୍ଚଳ ସମେତ ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଅଞ୍ଚଳର କୃଷି ହେଉଛି ଜୀବନଜୀବିକା। କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇଠାରେ ୨ଟି ଶୀତଳଭଣ୍ଡାର ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

## ଭିତରକନିକାର ଶୋଭା ଉପଭୋଗ କଲେ ବିଦେଶୀ ପର୍ଯ୍ୟଟକ



ରାଜନଗର, ୪।୧୨ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରାକୃତିକ ଶୋଭା ଉପଭୋଗ କରିବାକୁ ସପ୍ତାହେ ହେଲା ପର୍ଯ୍ୟଟକଙ୍କ ଭିଡ ଜମୁଛି। ମଙ୍ଗଳବାର ବିଦେଶୀ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଆମେରିକାର ୬ଜଣ ପର୍ଯ୍ୟଟକ ଜଳପଥରେ ଭିତରକନିକାର ପ୍ରାକୃତିକ ଶୋଭା ଉପଭୋଗ କରିବା ସହ ନଦୀର ଦୁଇପାର୍ଶ୍ୱରେ ଖରା ପୋଉଁଥିବା ବଉଳା କୁମ୍ଭୀରଙ୍କୁ ଦେଖି ବିମୋହିତ ହୋଇ ପଡ଼ିଥିଲେ। ଚଳିତବର୍ଷ ନିର୍ମାଣ ହୋଇଥିବା ସ୍କାଏ ୱାକ୍ ଉପରେ ପରିଭ୍ରମଣ କରିବା ସହ ବୋଟ ଲାଇବ୍ରେରୀ ମ୍ୟୁଜିୟମ, ହେନ୍ତାଳ ବଣ, କୁମ୍ଭୀର ପ୍ରଜନନ କେନ୍ଦ୍ର, ମ୍ୟାନଗ୍ରୋଭ ମେଟା ନର୍ସରୀ, ଧଳା କୁମ୍ଭୀର ଗୋରୀ, ମଲ୍ଲୀ ଓ ଶ୍ୱେତାକୁ ଦେଖିଥିଲେ।

## ବିଜୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ

ପାଟକୁରା,୪।୧୨ (ରବୀନ୍ଦ୍ରନାଥ ବାରିକ )

ଗରଦପୁର ବ୍ଲକ୍ ଅନ୍ତର୍ଗତ ତେଣ୍ଡାକୁଡ଼ାସ୍ଥିତ ବିଜୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍କ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉର୍ଦ୍ଦୁ ବିଭାଗର ଅଧ୍ୟାପକ ମହମ୍ମଦ ମଙ୍କସରଦ ଅଲ୍ଲୀ, ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିଭାଗର ଡେମନଷ୍ଟ୍ରେଟର ପ୍ରଶାନ୍ତ କୁମାର ବଳ ଯୋଗଦେଇ ଏଡ୍ସ ରୋଗର କାରଣ, ନିରାକରଣ ଓ ଭୟାବହତା ଉପରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତଥା ଶିକ୍ଷା ବିଭାଗର ଅଧ୍ୟାପକ ବସନ୍ତ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ ଯୁବ ରେଡ୍କ୍ରସର ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସ୍ଲୋଗାନ୍, ବକ୍ତୃତା ଓ ଅଭିନୟ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଚାର କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ରାଧେଶ୍ୟାମ ଦାଶ ଓ ରଣଜିତ ମହାନ୍ତି ସଭା ପରିଚାଳନା ଓ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଯୁବ ରେଡ୍କ୍ରସ୍ର କାଉନସେଲର ବିଶ୍ୱଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବାଂଲା ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ଦାବି




ହିନ୍ଦୁ ଏକତା ମଞ୍ଚର ସଦସ୍ୟମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ରାଜନଗର, ୪।୧୨ (ଭାସ୍କର ରାଉତରାୟ)

- ବାଂଲାଦେଶରେ ହିନ୍ଦୁଙ୍କୁ ଅତ୍ୟାଚାର ଘଟଣାରେ ପ୍ରତିବାଦ
- ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଶୋଭାଯାତ୍ରା

ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ଅତ୍ୟାଚାର ଘଟଣା ଉଦ୍‌ବେଗ ସୃଷ୍ଟି କରିଛି। ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ଅତ୍ୟାଚାର ବଢୁଥିବା ବେଳେ ରାଜନଗରରେ ଥିବା ବାଂଲା ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ଦାବି ଜୋର ଧରିଛି। ମଙ୍ଗଳବାର ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ରାଜନଗରରେ ଶୋଭାଯାତ୍ରା କରାଯିବା ସହ ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ଅତ୍ୟାଚାର ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ଏଥିସହ ବାଂଲାଦେଶୀଙ୍କୁ ରାଜନଗରରୁ ବିତାଡିତ କରିବାକୁ ବିଭିନ୍ନ ସ୍ଲୋଗାନ ଦିଆଯାଇ ଦାବି କରାଯାଇଛି। ଯୁବନେତା ଭରତ କୁମାର ରାଉତ, ବ୍ରଜ କିଶୋର ମିଶ୍ର, ଅନିଲ କୁମାର ସେଠୀଙ୍କ ନେତୃତ୍ୱରେ ଯୁବକମାନେ ତ୍ରିନାଥବଜାରସ୍ଥିତ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ ନିକଟରୁ ହିନ୍ଦୁ ଏକତା ମଞ୍ଚର ଶୋଭାଯାତ୍ରା ବାହାରି ରାଜନଗର ବ୍ୟାଙ୍କ ଛକ ଦେଇ ରାଜନଗର ବଜାର, ତ୍ରିନାଥ ବଜାର, ସାନବଡଗୋପାଳପୁର ବଜାର ପରିକ୍ରମା କରିଥିଲେ।

## ଛାତ୍ରୀଛାତ୍ରଙ୍କ ଧାରଣା ୨ ଦିନ ବିତିଲା

ରଘୁନାଥପୁର, ୪।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

**ଚର୍ଚ୍ଚିକାଇ ଉପ୍ରା ବିଦ୍ୟାଳୟ, ରାମଚନ୍ଦ୍ରପୁର**

- ବିଜ୍ଞାନ ଶିକ୍ଷକଙ୍କୁ ଫେରାଇ ଆଣିବାକୁ ଦାବି
- ଯୋଗ ଦେଇ ନ ପାରି ଫେରିଲେ ଶିକ୍ଷୟିତ୍ରୀ

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ରାମଚନ୍ଦ୍ରପୁରସ୍ଥିତ ଚର୍ଚ୍ଚିକାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବଦଳି କରାଯାଇଥିବା ବିଜ୍ଞାନ ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଧାରଣା ୨ଦିନରେ ପହଞ୍ଚିଛି। ତେବେ କୌଣସି ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନାହାନ୍ତି। ଫଳରେ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବା ସହ ଛାତ୍ରୀଛାତ୍ରମାନେ ସ୍କୁଲ କାର୍ଯ୍ୟାଳୟରେ ତାଲା ପକାଇ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। କାର୍ଯ୍ୟାଳୟରେ ତାଲା ପଡିବା ଯୋଗୁ ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିଲା ସିଦ୍ଧେଶ୍ୱରୀ ସ୍କୁଲରୁ ଡେପୁଟେଶନରେ ଆସିଥିବା ଜଣେ କଳା ଶିକ୍ଷୟିତ୍ରୀଙ୍କୁ ଅଭିଭାବକମାନେ ଜଏନ କରାଇ ନ ଦେବାରୁ ସେ ଫେରି ଯାଇଥିଲେ। ସ୍କୁଲରେ ଥିବା ଏକମାତ୍ର ଶିକ୍ଷୟତ୍ରୀ ବାହାରେ ବସି ରହିଥିବା ଦେଖାଯାଇଥିଲା।

ଶିକ୍ଷା ବିଭାଗର ଦାୟିତ୍ୱହୀନତାକୁ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ ଦାୟୀ କରିଛନ୍ତି। ଶିକ୍ଷା ବିଭାଗ ଜାଣିଶୁଣି ପିଲାଙ୍କ ଭବିଷ୍ୟତ ସହିତ ଖେଳୁଛି ବୋଲି ପରିଚାଳନା କମିଟି ସଭାପତି ଦୀପାଞ୍ଜଳି ନାୟକ ଅଭିଯୋଗ କରିଛନ୍ତି। ତେବେ ବିଜ୍ଞାନ ଶିକ୍ଷକଙ୍କୁ ଫେରାଇ ନ ଦେବା ପର୍ଯ୍ୟନ୍ତ ଧାରଣା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଉକ୍ତ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ଠିକ୍ ଚାଲିଥିବାବେଳେ ବ୍ଲକ ଶିକ୍ଷା ବିଭାଗ ବିବାଦରେ ଛନ୍ଦି ହୋଇପଡ଼ିଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ସିଆରସିସି ପଦବୀ ଟେକି ଦେବା ଓ ତାଙ୍କ ସ୍ଥାନରେ ସିଦ୍ଧେଶ୍ୱରୀ ଉପ୍ରା ସ୍କୁଲର ବିଜ୍ଞାନ ଶିକ୍ଷକଙ୍କୁ ଡେପୁଟେଶନରେ ପଠାଇବା ଏବଂ ପୁନଶ୍ଚ ଉକ୍ତ ଶିକ୍ଷକଙ୍କୁ ଫେରାଇ ନେଇ ସିଦ୍ଧେଶ୍ୱରୀ ସ୍କୁଲର ଆଉ ଜଣେ ଶିକ୍ଷୟିତ୍ରୀଙ୍କୁ ତାଙ୍କ ସ୍ଥାନରେ ପଠାଇବା ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ଅଭିଭାବକଙ୍କ ସହ ଛାତ୍ରୀଛାତ୍ର ଓ ଗ୍ରାମବାସୀ ବିଜ୍ଞାନ ଶିକ୍ଷକଙ୍କୁ ଫେରାଇ ଆଣିବା ଦାବିରେ ଧାରଣାରେ ବସିଛନ୍ତି। ରାମଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ଜେନା, ପ୍ରଶାନ୍ତ ନାୟକ, ନିରଞ୍ଜନ ବେହେରାଙ୍କ ସହ ଗ୍ରାମବାସୀ ଏଥିରେ ସାମିଲ ହୋଇଛନ୍ତି।




ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଗେଟରେ ତାଲା ପକାଇ ଧାରଣା ଦେଉଛନ୍ତି।

## କଣ୍ଟକେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା, ବିଶ୍ୱଶାନ୍ତି ମହାଯଜ୍ଞ



ରାଜକନିକା,୪।୧୨ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ କଣ୍ଟପଡ଼ାଠାରେ ଶ୍ରୀ ଶ୍ରୀକଣ୍ଟକେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ୫ଦିନ ବ୍ୟାପି ହେବାକୁ ଥିବା ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଶନିବାର ଅଙ୍କୁରାରୋପଣ, ରବିବାର ମା' ଭଉଣୀମାନଙ୍କ ଦ୍ୱାରା କଳସ ଯାତ୍ରା, ସୋମବାର ଉପଚାର ପୂଜା ଓ ବେଦାହୁତି, ମଙ୍ଗଳବାର ସର୍ବଦେବଦେବୀ ଷୋଡ଼ଶ ଉପଚାର ପୂଜା ଓ ବେଦାହୁତି ଏବଂ ବୁଧବାର ରୁଦ୍ର ଅଷ୍ଟଧ୍ୟାୟୀ ପାଠ ସହ ପୂର୍ଣ୍ଣାହୁତି ହୋଇ ସମାପନ ହୋଇଯାଇଛି। ଏତଦ୍‌ଭିନ୍ନ ପ୍ରତ୍ୟହ ସନ୍ଧ୍ୟାରେ ସନ୍ଥମାନଙ୍କ ଦ୍ୱାରା ପ୍ରବଚନ ଓ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ଥିବା ନେଇ କଣ୍ଟକେଶ୍ୱର ମହାଦେବ ପୂଜା କମିଟି, କଣ୍ଟପଡ଼ା ପକ୍ଷରୁ ହୋଇଯାଇଛି। ସୂଚନାଯୋଗ୍ୟ ରାଜକନିକାର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ ଭାବେ ପରିଗଣିତ କଣ୍ଟପଡ଼ା ବଜାରରେ ଆଜକୁ ବହୁବର୍ଷ ହେବ କଣ୍ଟକେଶ୍ୱର ମହାଦେବ ପୂଜା ପାଇ ଆସୁଥିଲେ। କଟକ-ଚାନ୍ଦବାଲି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ଏହା କଣ୍ଟପଡ଼ା ଗ୍ରାମକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ନୂଆ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳିତ ହେଉଛି। ଏହି ପ୍ରତିଷ୍ଠା ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ବେଶ୍ ପରିଲକ୍ଷିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମର ଉଦ୍ୟୋକ୍ତା କଣ୍ଟପଡ଼ା ଗ୍ରାମବାସୀ ବିଶ୍ୱନାଥ ଦାଶ ହୋଇଥିବାବେଳେ, ମନ୍ଦିର ପ୍ରତିଷ୍ଠା ଯଜ୍ଞ ପରିଚାଳନା ସୁବାସ ଚନ୍ଦ୍ର ରଥଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା।

## ୫ଶହ ପରିବାର ୧୮ଦିନ ହେବ ଦୂଷିତ ପାଣି ପିଉଛନ୍ତି

- ବେଡାରୀ ପାନୀୟଜଳ ପ୍ରକଳ୍ପ ପାଇପ ରାସ୍ତା ମଝିରେ ଫାଟିଛି
- ବିଭାଗୀୟ ଯନ୍ତ୍ରୀଙ୍କ ନିଦ ଭାଙ୍ଗୁନି

ପାଟକୁରା, ୪।୧୨ (ରବୀନ୍ଦ୍ରନାଥ ବାରିକ )



ହନୁମାନ ମଣ୍ଡପ ନିକଟ ରାସ୍ତାରେ ପାଣି ପାଇପ ଫାଟି ଯାତାୟାତ ବନ୍ଦ ରହିଛି।

ଗରଦପୁର ବ୍ଲକ ଅଧୀନ ବେଡାରୀ ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପର ପାଇପ ବେଡାରୀ ହନୁମାନ ମଣ୍ଡପ ନିକଟରେ ୧୮ ଦିନ ହେବ ଫାଟିଯାଇଛି। ଏହି ଉଦ୍‌ବୃତ୍ତ ପାଣି ନିକଟରେ ଥିବା ପାଚିଲା ଧାନ କିଆରି ଓ ଧାନ ଖଳାରେ ମଧ୍ୟ ପଶୁଛି। ଫଟା ପାଇପରେ ପାଣି ଯାଉଥିବାରୁ ବାହାର ଦୂଷିତ ପଦାର୍ଥ ପାଣିରେ ମିଶୁଛି। ଫଳରେ ବେଡାରୀ, କୁଳଡୁଠି ଓ ସୋଲପାଟ ଗ୍ରାମର ୫ଶହ ପରିବାର ଦୈନିକ ଏହି ଦୂଷିତ ପାଣିକୁ ପିଉଛନ୍ତି। ହେଲେ ଦାୟିତ୍ୱରେ ଥିବା ବେଡାରୀ ପଞ୍ଚାୟତ ଓ ବ୍ଲକ ଗ୍ରାମ୍ୟ ପରିମଳ, ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏଥିପ୍ରତି ଧ୍ୟାନ ଦେବାକୁ ବେଡାରୀ ଗ୍ରାମର ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ବେହେରାଜିଲ, ପ୍ରଦୀପ ବେହେରା, ଯଦୁମଣି ବେହେରା, ନୃସିଂହ ବେହେରା, ତ୍ରୈଲୋକ୍ୟ ବେହେରା, ସୁବାସ ବାରିକ, କୈଳାସ ବାରିକ, ସତ୍ୟାନନ୍ଦ ବାରିକ ପ୍ରମୁଖ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ପଢ଼ିବାକୁ ୨୦ ପିଲା ୭ କି.ମି. ଦୂର ଯାଉଛନ୍ତି

ମହାକାଳପଡ଼ା, ୪।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ଆଖଡ଼ାଶାଳୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ**

- ବନ୍ଦ ସ୍କୁଲ ଖୋଲିବାକୁ ଗ୍ରାମବାସୀଙ୍କ ଦାବି
- ବାଟରେ ବାର୍ହା ଆକ୍ରମଣ ଭୟ
- ବର୍ଷା ୪ ମାସ ପାଠପଢ଼ା ବନ୍ଦ



ଆଖଡ଼ାଶାଳୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ବନ୍ଦ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି।

'ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ' ଜାତୀୟ ଶିକ୍ଷା ନାରାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁଳ ପ୍ରଚାର ହେଉଛି। ହେଲେ ତୃଣମୂଳସ୍ତରରେ ଗାଁରେ ଗରିବ ଅଭାବୀ ପିଲାଟିଏ ପ୍ରାଥମିକ ଶିକ୍ଷା ଗ୍ରହଣ କରିବାକୁ ଘର ପାଖ ସରକାରୀ ସ୍କୁଲରେ ପଢ଼ିବାକୁ ବ୍ୟବସ୍ଥା କରାଯାଇଥିଲା। ହେଲେ କିଛି ବର୍ଷ ପଢ଼ିବା ପରେ ସ୍କୁଲରେ ୨୦ରୁ କମ୍ ଉପସ୍ଥାନ ଥିବାରୁ କର୍ତ୍ତୃପକ୍ଷ ସବୁଦିନ ପାଇଁ ବନ୍ଦ କରିଦେଲେ। ହେଲେ କର୍ତ୍ତୃପକ୍ଷ ସ୍କୁଲ ବନ୍ଦ କଲେ, ହେଲେ ପିଲାଙ୍କ ପାଠପଢ଼ିବା ପାଇଁ କିଛି ବିକଳ୍ପ ବ୍ୟବସ୍ଥା କଲେ ନାହିଁ। ଫଳରେ ଛୋଟ ଛୋଟ ୨୦ ପିଲା ବାଧ୍ୟ ହୋଇ ଗାଁ ପାଖରୁ ୭ କି.ମି. ନିରୋଳା ରାସ୍ତାରେ ଅନ୍ୟ ଗ୍ରାମର ସରକାରୀ ସ୍କୁଲକୁ ପଢ଼ିବାକୁ ଯାଉଥିବା ଅଭିଯୋଗ ହେଉଛି। ଏପରି କି ବର୍ଷା ଋତୁରେ ୪ ମାସ ପାଠ ପଢ଼ିବା ପାଇଁ ସମସ୍ୟା ହେଉଛି। ପିଲାମାନେ ପାଠ ପଢ଼ାରୁ ବଞ୍ଚିତ ହୋଇଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ସ୍କୁଲରୁ ଘରକୁ ଫେରିଲା ବେଳକୁ ସନ୍ଧ୍ୟା ହୋଇ ଯାଉଥିବାରୁ ବାଟରେ ମହାନଦୀ କୂଳର ଜଙ୍ଗଲିଆ ବୁଦା ମୂଳେ ବାର୍ହା ଆକ୍ରମଣ କରିଥିବା ନଜିର ରହିଛି ବୋଲି ଗ୍ରାମର ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ମହାନଦୀ ସଂଲଗ୍ନ ଆଖଡ଼ାଶାଳୀ ଗ୍ରାମରେ।

ଆଖଡ଼ାଶାଳୀ ଗାଁର ଲୋକ ଓ ଅଭିଭାବକଙ୍କ ମଧ୍ୟରେ ଇନ୍ଦ୍ରମଣି ବାରିକ, ଜନ୍ମେଜୟ ବେହେରା, ସତ୍ୟଭାମା ରାଉତ, ରଶ୍ମିତା ଜ୍ୟୋତି, ସୁମିତ୍ରା ବାରିକ, ପ୍ରଣୟିନୀ ବାରିକ, ମଲ୍ଲି ମଣ୍ଡଳ, ଭାନୁମତି ରାଉତ, ଭଞ୍ଜନ ଜେନା, ସଫଳା ଜେନା ପ୍ରମୁଖ କହିଛନ୍ତି, ୨୦୦୮ରେ ଆଖଡ଼ାଶାଳୀରେ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଖୋଲିଥିଲା। ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ଯୋଗୁ କରୋନାଠାରୁ ସ୍କୁଲକୁ କର୍ତ୍ତୃପକ୍ଷ ବନ୍ଦକରି ଦେଇଛନ୍ତି। ଅପରପକ୍ଷରେ ଗ୍ରାମବାସୀ, ଅଭିଭାବକମାନେ କହିଛନ୍ତି, ଗାଁଠାରୁ ୭ କି.ମି. ଦୂରରେ ତେନ୍ତୁଳିକନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଆମ ଗାଁର ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୨୦ରୁ ଅଧିକ ପିଲା ପଢ଼ିବା ପାଇଁ ବହୁ କଷ୍ଟରେ ଯାଉଛନ୍ତି। ଏବେ ୨୦ରୁ ଅଧିକ ପିଲା ପାଠ ପଢ଼ିବା ପାଇଁ ବନ୍ଦ ହୋଇଥିବା ସ୍କୁଲକୁ ଖୋଲିବାକୁ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ବିଧାୟକଙ୍କୁ ଭେଟି ଆମର ଦୁଃଖ ଜଣାଇବୁ ବୋଲି ଗ୍ରାମର ବରିଷ୍ଠ ମୁରବି ଓ ଅଭିଭାବକମାନେ କହିଛନ୍ତି। ଏହି ଗ୍ରାମରେ ୭୦ରୁ ଅଧିକ ପରିବାରର ୩ ଶହରୁ ଅଧିକ ଜନସଂଖ୍ୟା ବସବାସ କରୁଛନ୍ତି। ଏ ସଂକ୍ରାନ୍ତରେ ବିଇଓ ତନ୍ମୟ କୁମାର ବେହେରାଙ୍କୁ ପଚାରିବାରେ ଆଖଡ଼ାଶାଳୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଖୋଲାଯିବା ନେଇ ସରକାରୀ ଭାବେ ସ୍କୁଲ କର୍ତ୍ତୃପକ୍ଷ ତଦନ୍ତ କରି ନିଷ୍ପତ୍ତି ଗ୍ରହଣ କରିପାରିବେ ବୋଲି ସେ କହିଛନ୍ତି।

# ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପକୁ ବିରୋଧ କଲେ ବୁଗୁଡା କଲୋନୀ ଗ୍ରାମବାସୀ

ଦଶପଲ୍ଲା,୪।୧୨( ପ୍ରକାଶ କୁମାର ପାଣି)


ରେଳପ୍ରକଳ୍ପକୁ ବିରୋଧ କରୁଥିବା ଗ୍ରାମବାସୀ।

- ସୀମାରେ ମାରିଲେ ନାଲି ପତାକା
- ସମାନ ପରିମାଣର ଜମି ନ ଦେବା ଯାଏ ଜାରି ରଖିବେ ସଂଗ୍ରାମ

ଆଗେଇ ପାରୁନି ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ । ରେଳପଥ ନିର୍ମାଣରେ ବାଧକ ସାଜୁଛି ଜମି ଅଧିଗ୍ରହଣ ଓ ଟନେଲ ନିର୍ମାଣ । ବୁଧବାର ମୁଣ୍ଡୁଲୀ ନୂଆଗାଁଠାରୁ ପଥରଗଣ୍ଡ (ଜାମୁସାହି) ୨୬୦୦ ମିଟର ଲମ୍ବ ଟନେଲ ନିର୍ମାଣ ଶେଷ ହେବାକୁ ଯାଉଥିବାବେଳେ ଜମି ଅଧିଗ୍ରହଣ ସମସ୍ୟାକୁ ନେଇ ରେଳ ପ୍ରକଳ୍ପ ନିର୍ମାଣକୁ ଜୋରଦାର୍ ବିରୋଧ କରିଛନ୍ତି ଦଶପଲ୍ଲା ବ୍ଲକ ଟାକରା ଗ୍ରାମ ପଞ୍ଚାୟତ ବୁଗୁଡା କଲୋନୀ ଗ୍ରାମବାସୀ । ବୁଧବାର ସକାଳେ ଗ୍ରାମର ଶତାଧିକ ଆଦିବାସୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ରେଳପଥ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ନିଜ ଗ୍ରାମ ସୀମା ନିକଟରେ ପହଞ୍ଚି ନାଲି ପତାକା ମାରିବା ସହିତ ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରିଥିଲେ । କ୍ଷତିଗ୍ରସ୍ତ ହେଉଥିବା ଜମିର ସମାନ ପରିମାଣର ଜମି ସେମାନଙ୍କୁ ପ୍ରଦାନ ନ କରିବା ପର୍ଯ୍ୟନ୍ତ ସେମାନେ ରେଳପଥ କାର୍ଯ୍ୟ କରାଇ ଦେବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଯଦି ସରକାର ଜୋରଜବରଦସ୍ତ ରେଳପଥ କାର୍ଯ୍ୟ କରନ୍ତି ତେବେ ଜୀବନର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଗ୍ରାମବାସୀଙ୍କ କହିବା ମୁତାବକ ଯଦି ସରକାର ଆମ ଭିଟାମାଟି ଓ ପରିବାରକୁ ଉଚ୍ଛେଦ କରନ୍ତି ତେବେ ଆମେ ପିଲାଛୁଆ ଓ ଗୃହପାଳିତ ପଶୁମାନଙ୍କୁ ଧରି ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରିବୁ । ଯଦି ପ୍ରକଳ୍ପ ହେବ ତେବେ ଆମ ଆଦିବାସୀମାନଙ୍କ ଶବର ପାହାଡ଼ ଉପରେ ହିଁ ହେବ । ଗ୍ରାମର ଅନ୍ୟ କେତେଜଣ କୋହଭରା କଣ୍ଠରେ କହିଛନ୍ତି, ସରକାର ଆମକୁ ୧୯୫୬ ମସିହାରୁ ଏଇଠି ଜାଗାବାଡି ଦେଇ ଥଇଥାନ କରିଥିଲେ । ଆଜି ଯଦି ଆମ ଜମିବାଡ଼ି ଛଡେଇ ନେବେ ତେବେ , ଆମେ ଖାଇବୁ କଣ, ବଞ୍ଚିବୁ କେମିତି । ଏ ସମ୍ପର୍କରେ ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ସରକାରଙ୍କ ତରଫରୁ ସମସ୍ତ ପ୍ରକାର କ୍ଷତିପୂରଣ ଦିଆଯିବ। ଏ ସମ୍ପର୍କରେ ୨ରୁ ୩ ଦିନ ତଳେ ଆସିଥିବା କେତେଜଣ ଗ୍ରାମବାସୀଙ୍କୁ ମଧ୍ୟ କୁହାଯାଇଛି ।

## କୁମ୍ଭାରପଡ଼ା ବିଦ୍ୟାଳୟରେ ଶିକ୍ଷକ, ଅଭିଭାବକ ବୈଠକ


ବୈଠକରେ ଉପସ୍ଥିତ ଶିକ୍ଷକ ଏବଂ ଅଭିଭାବକ।

ଖଣ୍ଡପଡ଼ା,୪।୧୨(ଅଜୟ କୁମାର ମହାରଣା)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟଗୁଡିକରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ପ୍ରୟାସ ଜାରି ରହିଛି । ସେହିପରି ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି କ୍ରମରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡା ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିକ୍ଷକ ଓ ଅଭିଭାବକଙ୍କ ବୈଠକରେ ବିଦ୍ୟାପୀଠର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ଆରତୀ ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ । ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ, ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ବ୍ଲକ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଶିକ୍ଷୟିତ୍ରୀ ସରୋଜିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରୂପାନ୍ତରୀକରଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ଖଣ୍ଡପଡ଼ା,୪।୧୨(ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ୍ ଅଧୀନ ବୋଦସା ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠର ରୂପାନ୍ତରୀକରଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଦ୍ୟାପୀଠର ରୂପାନ୍ତରୀକରଣ କାର୍ଯ୍ୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଥିବା ବେଳେ ବ୍ଲକ୍ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଦ୍ୟାପୀଠର ଉନ୍ନତିକରଣ କାର୍ଯ୍ୟ କରାଯାଇଥିବା ବୋଦସା ଗ୍ରାମବାସୀଙ୍କ ସୁତ୍ରରୁ ଜଣାପଡିଛି । ବିଦ୍ୟାପୀଠର ପୁରାତନ ଶ୍ରେଣୀଗୃହରେ ରଙ୍ଗ ମରାଯାଇଥିବା ବେଳେ ଶ୍ରେଣୀଗୃହର ଚଟାଣରେ ଟାଇଲ ପକାଯାଇଛି । ୨ଟି ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଅଦ୍ୟାବଧି ଶ୍ରେଣୀ ଗୃହଗୁଡିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇନାହିଁ । ତତ୍କାଳୀନ ବିଧାୟକଙ୍କ ହାତପାଣ୍ଠିରୁ ବିଦ୍ୟାପୀଠ ପରିସରରେ ଏକ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ୯ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଉକ୍ତ ଅନୁଦାନ ଅର୍ଥକୁ ଶ୍ରେଣୀଗୃହ ବାବଦରେ ବ୍ୟୟ କରା ନ ଯାଇ ଅନ୍ୟତ୍ର ବ୍ୟୟ କରାଯାଇଥିବା ଅଭିଯୋଗ ହେଉଛି । ଗତ ୨ ବର୍ଷ ତଳେ ୫-ଟି ରୂପାନ୍ତରୀକରଣ ଯୋଜନାରେ ବ୍ଲକ ପ୍ରଶାସନ ପକ୍ଷରୁ ୫୫ ଲକ୍ଷ, ପଞ୍ଚାୟତ ଅନୁଦାନ ଅର୍ଥ ରାଶି ୧୦ ଲକ୍ଷ ଓ ବିଧାୟକ ପାଣ୍ଠି ଅନୁଦାନ ଅର୍ଥ ୯ଲକ୍ଷ ଏହିପରି ସର୍ବମୋଟ ୭୪ ଲକ୍ଷ ଟଙ୍କା ବିଦ୍ୟାପୀଠର ସାମଗ୍ରୀକ ବିକାଶ ନିମନ୍ତେ ବ୍ୟୟ ହୋଇଥିଲେ ହେଁ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଏବେ ବି ଶିକ୍ଷାନୁଷ୍ଠାନଟି ଗତି କରୁଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ଉକ୍ତ ବିଦ୍ୟାପୀଠର ଉନ୍ନତୀକରଣ କାର୍ଯ୍ୟରେ ପଞ୍ଚାୟତ ଲୋକପ୍ରତିନିଧି ସାମିଲ ହୋଇଥିବା ବେଳେ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କ ଯୋଗୁ ଶିକ୍ଷାନୁଷ୍ଠାନର ଉନ୍ନୟନମୂଳକ କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ଖଣ୍ଡପଡା ବିଡିଓ ଓ ନୟାଗଡ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିଦ୍ୟାପୀଠର ରୂପାନ୍ତରୀକରଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ସବିଶେଷ ସୂଚନା ପାଇବା ପାଇଁ ବୋଦସା ଗ୍ରାମର ପୁରନ୍ଦର ସେନାପତି ସୂଚନା ଅଧିକାର ଆଇନ ବଳରେ ଆବେଦନ କରିଥିଲେ।

## ଜାତୀୟ ଉପଲବ୍ଧି ସର୍ବେକ୍ଷଣ ପରୀକ୍ଷା ଅନୁଷ୍ଠିତ


ଛାତ୍ରୀଛାତ୍ରମାନେ ଜାତୀୟ ଉପଲବ୍ଧି ସର୍ବେକ୍ଷଣ ପରୀକ୍ଷା ଦେଉଛନ୍ତି।

ଶରଣକୁଳ,୪।୧୨(ଦୀପକ କର)

ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ତତ୍ତ୍ୱାବଧାନରେ ଓଡ଼ଗାଁ ବ୍ଲକ ଶରଣକୁଳ କ୍ଲଷ୍ଟରର ୩ଟି ବିଦ୍ୟାଳୟରେ ବୁଧବାର ଜାତୀୟ ଉପଲବ୍ଧି ସର୍ବେକ୍ଷଣ ପରୀକ୍ଷା (ଏନ୍.ଏ.ଏସ. ) ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ କେଏସ୍‌ବି ପବ୍ଲିକ ସ୍କୁଲରେ ତୃତୀୟ ଓ ନବମ ଶ୍ରେଣୀ, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଷଷ୍ଠ ଶ୍ରେଣୀ ଏବଂ ମା'ସରସ୍ୱତୀ ଶିଶୁ ମନ୍ଦିରରେ ତୃତୀୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୀପ୍ତିମୟୀ ପ୍ରିୟଦର୍ଶିନୀ, ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ, ସିଆରସିସି ଗୋଦାବରୀ ବସନ୍ତିଆ କେନ୍ଦ୍ର ପରିଦର୍ଶନ ସହିତ ପ୍ରତ୍ୟକ୍ଷଭାବେ ପରୀକ୍ଷା ପରିଚାଳନା କରିଥିଲେ।

## କୁଣ୍ଡା ବୋଝେଇ ମିନିଟ୍ରକ୍‌ରୁ ପୁରୁଣା ଶାଳଗଣ୍ଡି ଜବତ

ଓଡ଼ଗାଁ,୪।୧୨(ଆଦର୍ଶ କୁମାର ପଟ୍ଟନାୟକ)

**ପାବୁରିଆରୁ ଓଡ଼ଗାଁକୁ ହେଉଥିଲା ଚାଲାଣ, ଗାଡ଼ିଚାଳକ ଗିରଫ**



କନ୍ଧମାଳରୁ ବିଭିନ୍ନ ଉପାୟରେ ଗଛେଞ୍ଚା ଚାଲାଣ ହେଉଥିବା ନଜିର ରହିଛି । ହେଲେ କୁଣ୍ଡା ବୋଝେଇ ଗାଡ଼ି ଭିତରୁ ପୁରୁଣା ଶାଳଗଣ୍ଡି ଜବତ ହେବା ଘଟଣା ବନ ବିଭାଗ ଅଧିକାରୀଙ୍କ ନିଦ ହଜେଇ ଦେଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ପାବୁରିଆ ଅଞ୍ଚଳରୁ ଏକ ମିନିଟ୍ରକ୍‌ରେ ଶାଳଗଣ୍ଡି ଆସୁଥିବା ଖବର ପାଇ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲିକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ତଦନୁଯାୟୀ ବନପାଳ ସରିତା ବରାଳଙ୍କ ସହିତ ଅନ୍ୟ ବନରକ୍ଷୀ,ବନ ସୁରକ୍ଷା କର୍ମୀଙ୍କୁ ପାଟ୍ରୋଲିଂକୁ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ଗାଁ ସହର ଗୋଡିପଲ୍ଲୀ ଛକ ନିକଟରେ ଏକ ପାଲ ଘୋଡା ମିନିଟ୍ରକ୍‌କୁ ପିଛା କରି ଉପରୋକ୍ତ କର୍ମଚାରୀମାନେ ଅଟକାଇବାରେ ସଫଳ ହୋଇଥିଲେ । ସେହି ମିନିଟ୍ରକ୍‌ରେ ୨୦ ବସ୍ତା କୁଣ୍ଡା ଥିଲା । ସେହି ବସ୍ତାଗୁଡ଼ିକ ତଳେ ୯ଖଣ୍ଡ ପୁରୁଣା ଶାଳଗଣ୍ଡି ରହିଥିଲା। ବିଭାଗୀୟ ଅଧିକାରୀ ଟ୍ରକ୍ ଚାଳକଙ୍କୁ ଗିରଫ କରିବା ସହ ସେହି ମିନିଟ୍ରକ(ନଂ. ଓଡି୦୨ସିଜେ୬୮୬୨) ଓ ଶାଳଗଣ୍ଡିକୁ ଜବତ କରିଛନ୍ତି । ଜବତ ଶାଳଗଣ୍ଡିର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ଅଧିକାରୀ କହିଛନ୍ତି । ଏସବୁ ଶାଳଗଣ୍ଡିର ଆୟୁ ଶହେ ବର୍ଷରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଜବତ କାଠ ପାବୁରିଆ ଅଞ୍ଚଳରୁ ଓଡ଼ଗାଁ ଥାନା ଅଧୀନ ବାଉଁଶଗାଡିଆ ଆସୁଥିବା ଗିରଫ ଡ୍ରାଇଭର କୋରପିଠା ଗ୍ରାମର ପବିତ୍ର ସେଠୀ (୨୬) କହିଛନ୍ତି । ଜବତ ମିନିଟ୍ରକ୍‌ର ମାଲିକ ବାଇଁଶଗାଡିଆ ଗ୍ରାମର ବାନାମ୍ବର ସେଠୀ ବୋଲି ଜଣାପଡ଼ିଛି । ଏହି ମିନିଟ୍ରକ୍‌କୁ ଏସ୍କର୍ଟ କରି ଆସୁଥିବା ଏକ ବାଇକ୍(ନଂ.ଓଡି୦୨ସି୭୦୪୧)ଚାଳକଙ୍କୁ ଧରିବାକୁ ବନ କର୍ମଚାରୀ ଉଦ୍ୟମ କରିଥିଲେ । ହେଲେ ସେ ଅଙ୍କାବଙ୍କା ରାସ୍ତାରେ ଫେରାର ହୋଇଯାଇଛନ୍ତି । ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା(ନଂ.୩୭/୨୪) ରୁଜୁ ହୋଇଛି।

## ମହିଳା ମହାବିଦ୍ୟାଳୟରେ ଏଡ୍ସ ସଚେତନତା

ଖଣ୍ଡପଡ଼ା,୪।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ +୨ ମହିଳା ମହାବିଦ୍ୟାଳୟ ପକ୍ଷରୁ ସୋମବାରଠାରୁ ୨ ଦିନ ବ୍ୟାପୀ ଅନୁଷ୍ଠିତ ବିଶ୍ୱ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଛି । ଏହି ପରିପ୍ରେକ୍ଷୀରେ +୨ କଳା ଶ୍ରେଣୀର ଶହେରୁ ଊର୍ଦ୍ଧ୍ୱ ଛାତ୍ରୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଏଡ୍ସର କାରଣ ଓ ନିରାକରଣ ପାଇଁ ସଚେତନତା ସୃଷ୍ଟି କରିଥିଲେ । ଯୁଥ ରେଡ଼କ୍ରସ(+୨ ଶାଖା), ରେଡ଼ ରିବନ କ୍ଲବ୍‌ର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ ଓ ପେଟିଂ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନା କରୁଥିବା ଯୁଥ ରେଡକ୍ରସ ଉପଦେଷ୍ଟା ଅଧାପିକା ଜାହ୍ନବୀ ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଦିବସରେ ବରିଷ୍ଠ ଡ଼ାକ୍ତର ପ୍ରଦୀପ କୁମାର ପାଇକରାୟ ଯୋଗଦେଇ ଦିବସ ପାଳନର ଗୁରୁତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏଡ୍ସ ରୋଗର ଭୟାବହତା ଓ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଦାସର୍ବଦା ଉଦ୍ୟମ ଜାରି ରହିଥିବା ବେଳେ ଯୁବପିଢୀ ଏ ଦିଗରେ ସଚେତନ ହେବା ଜରୁରୀ ବୋଲି ସେ ମତ ପ୍ରକାଶ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧାପିକା, ଅଧାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।



ଏଡ୍ସ ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀ।

## ମଣିଭଦ୍ରାରେ ବିଶ୍ୱଶାନ୍ତି ମହାଯଜ୍ଞ ଶୁଭାରମ୍ଭ

ଗଣିଆ,୪।୧୨(ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଗଣିଆ ବ୍ଲକର ମଣିଭଦ୍ରା ପାଦଦେଶରେ ଅବସ୍ଥିତ ମା' କଳାପାଟଙ୍କ ପୀଠରେ ବୁଧବାର ୩୨ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ଚଳିତ ବର୍ଷ ସିଦ୍ଧଯୋଗୀ ସ୍ୱର୍ଗତଃ ବାବା ରାମଦାସଙ୍କ ୭୪ତମ ଜନ୍ମ ଦିବସ ଉପଲକ୍ଷେ ଅନୁଷ୍ଠିତ ଏହି ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାଧିବାସ ଅବସରରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା କରାଯିବା ସହ ମହାନଦୀ ଓ ବୃଉଙ୍ଗ(କୁଶଭଦ୍ରା) ନଦୀର ସଙ୍ଗମସ୍ଥଳରୁ ମାଳତିପୁଟ ଗ୍ରାମବାସୀ ଓ ଶ୍ରଦ୍ଧାଳୁମାନେ ୧୦୮ କଳସ ଶୋଭାଯାତ୍ରାରେ ଆଣି ଘଟ ସ୍ଥାପନ କରାଯାଇ ଶୁଭାଧିବାସ କରାଯାଇଥିଲା । ଏହି ଅବସରରେ ବାବା ରାମଦାସଙ୍କ ଅନୁଗାମୀମାନେ ମା' କଳାପାଟଙ୍କ ଚରଣରେ ଓ ଯଜ୍ଞ ମଣ୍ଡପରେ ଗୁରୁ ରାମଦାସଙ୍କ ପାଦୁକାତଳେ ଦୀପଜାଳି ମହାଯଜ୍ଞର ସଫଳତା କାମନା କରିଥିଲେ। ୪ ଦିନ ଧରି ଆୟୋଜିତ ଏହି ମେଳାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଟ୍ରାଫିକ ଓ ଆଇନଶୃଙ୍ଖଳା ସମସ୍ୟା ସୁଧାରିବା ପାଇଁ ଛାମୁଣ୍ଡିଆ, କଳାପାଟ, ଡଙ୍କାରିସାହି ଆଦି ସ୍ଥାନରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

## ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ


ସେମିଫାଇନାଲ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ଦୃଶ୍ୟ।

ଶରଣକୁଳ,୪।୧୨(ଦୀପକ କର)

**ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ**

ନୟାଗଡ଼ ଜିଲା ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଚାଲିଥିବା ଲଡୁକେଶ ଆଥଲେଟିକ ଆସୋସିଏଶନର ୬୩ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ପୋର୍ଟସ ହଷ୍ଟେଲ,କଟକ ୧-୦ ଗୋଲରେ ଏ.ଜି. ରିକ୍ରେଶନ, ଭୁବନେଶ୍ୱରକୁ ହରାଇ ବିଜୟ ହାସଲ କରିଛି।

ପ୍ରଥମାର୍ଦ୍ଧ ଖେଳର ୫ମିନଟରେ ସାଥି ଖେଳାଳିଙ୍କ ଏକ ପାସ୍ ବଲକୁ କଟକ ଟିମ୍‌ର ୨୦ ନଂ.ଖେଳାଳି ଆଲୋକ ଦାସ ଗୋଲକରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ ଭୁବନେଶ୍ୱର ଦଳ ଗୋଲ ପରିଶୋଧ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ ସୁଦ୍ଧା ସଫଳ ହୋଇପାରି ନ ଥିଲେ। ଆଜିର ମ୍ୟାଚ୍‌କୁ ଅନୁଷ୍ଠାନର ସଭାପତିଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଜେଲ ଅଧୀକ୍ଷକ ପ୍ରଫୁଲ୍ଲ କୁମାର କବି, ବଜାଜ ଅଟୋମୋବାଇଲ ପ୍ରୋପ୍ରାଇଟର ମନସୁର ବକ୍ସ, ଶ୍ରୀ ମୋଟର ପ୍ରୋପ୍ରାଇଟର ସନ୍ତୋଷ କୁମାର ପାତ୍ର, ଏବଂ ସୁରେନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସର୍ବଶ୍ରେଷ୍ଠ ଖେଳାଳିଭାବେ କଟକ ଦଳର ଆଲୋକ ଦାସଙ୍କୁ ଟ୍ରଫି ସହ ୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ମୁଖ୍ୟ ରେଫେରି ଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ, ଲାଇନରେ ସହାୟତା କରିଥିଲେ ପ୍ରସନ୍ନ କୁମାର ନାୟକ ଓ ଦେବରାଜ ସ୍ୱାଇଁ । ୪ର୍ଥ ରେଫେରୀଭାବେ ରାଜୁ ମହାନ୍ତି ଖେଳକୁ ପରିଚାଳନା କରିଥିଲେ। ଗୁରୁବାର, ସାଇ ଏଚ୍‌ଏଲ, ସୁନାବେଡା ବନାମ ଏମ୍‌କେଏସ୍‌ସି, ବକ୍ସର, ବିହାର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର କୁମାର ଚୌଧୁରୀ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବନି


@ ବିଶ୍ୱଜିତ୍


@ ଦେବୀପ୍ରସାଦ


@ ପିଙ୍କୁ


@ ଅଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବନି



@ ବିଶ୍ୱଜିତ୍



@ ଦେବୀପ୍ରସାଦ



@ ପିଙ୍କୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିଳ୍ପର ବିଷାକ୍ତ ଜଳ, ବାୟୁରେ ଆକ୍ରାନ୍ତ କେନ୍ଦ୍ରାପଡ଼ା

- ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି ଜିଲାବାସୀ
- ନଷ୍ଟ ହେଉଛି ସ୍ଥାନୀୟ ଅଞ୍ଚଳର ପ୍ରାକୃତିକ ପରିବେଶ
- ସଚେତନତା ପ୍ରତି ଦୃଷ୍ଟିଦେଉନି ଜିଲା ପ୍ରଶାସନ

କେନ୍ଦ୍ରାପଡ଼ା,୪।୧୨ (ଜଗନ୍ନାଥ ଧଳ)

ମହାନଦୀର ଗୋଟିଏ ପାର୍ଶ୍ୱରେ କେନ୍ଦ୍ରାପଡ଼ା ଜିଲା ଥିବାବେଳେ ଅପରପାର୍ଶ୍ୱରେ ଜଗତ୍‌ସିଂହପୁର ଜିଲା ଅଛି। କେନ୍ଦ୍ରାପଡ଼ା ଜିଲା ଅଦ୍ୟାବଧି ଶିଳ୍ପବିହୀନ। ତେବେ ଅପରପାର୍ଶ୍ୱରେ ଜଗତ୍‌ସିଂହପୁର ଜିଲା ପାରାଦୀପ ଅଞ୍ଚଳରେ ୧୬ରୁ ଊର୍ଦ୍ଧ୍ୱ ବୃହତ୍ ଶିଳ୍ପ ଅନୁଷ୍ଠାନ ଗଢ଼ିଉଠିଛି। ଏହି ଶିଳ୍ପ ଅନୁଷ୍ଠାନରୁ ବିଭିନ୍ନ ସମୟରେ ନିର୍ଗତ ବିଷାକ୍ତ ଧୂଳି ଓ ଧୂଆଁ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ଅତିଷ୍ଠ କରୁଛି। ସେହିପରି ଏହି ଅଞ୍ଚଳରୁ ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ ନଦୀନାଳରେ ମିଶି ସ୍ଥାନୀୟ ଜିଲାର ବିଭବ ଭାବେ ପରିଚିତ ଆର୍ଦ୍ରଭୂମି ଭିତରକନିକା ସମେତ ଅଞ୍ଚଳର ପ୍ରାକୃତିକ ପରିବେଶ ନଷ୍ଟକରୁଛି। ଯାଜପୁର ଓ ଜଗତ୍‌ସିଂହପୁର ଶିଳ୍ପାଞ୍ଚଳକୁ ସଂଯୋଗୀ ରାସ୍ତା କେନ୍ଦ୍ରାପଡ଼ା ଜିଲାରେ ଅଛି। ପ୍ରତିଦିନ ରାସାୟନିକ ପଦାର୍ଥ ଭରା ଭାରିଯାନ ଏହି ରାସ୍ତାରେ ଯାତାୟାତ କରୁଛି। ରାସାୟନିକ ବିପର୍ଯ୍ୟୟ ପ୍ରତି କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ସଚେତନ ନୁହନ୍ତି ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ପରିବେଶ ପ୍ରଦୂଷଣ ପ୍ରଭାବରେ ହେଉଥିବା ସମସ୍ୟା ସମ୍ପର୍କରେ ମହାକାଳପଡ଼ା ବ୍ଲକ୍ ଅଞ୍ଚଳର ପୂର୍ଣ୍ଣିମା ମାଝି, ସୁଦର୍ଶନ ବେରା, ହରିପଦ ବିଶ୍ୱାସ, ସୁପ୍ରିୟା ମଲ୍ଲିକ ପ୍ରମୁଖ କହିଛନ୍ତି, ଜଗତ୍‌ସିଂହପୁର ଜିଲା ଶିଳ୍ପାଞ୍ଚଳରୁ ନିର୍ଗତ ବିଷାକ୍ତ ଧୂଳି ଓ ଧୂଆଁ ଜୀବନକୁ ଦୁର୍ବିଷହ କରିଦେଇଛି। ଏହାର ପ୍ରଭାବରେ ଚର୍ମଠାରୁ କ୍ୟାନ୍‌ସର ରୋଗ ପର୍ଯ୍ୟନ୍ତ କାରଣ ହୋଇଥିବା ବେଳେ ସ୍ଥାନୀୟ ଫସଲକୁ ନଷ୍ଟ କରୁଛି। ପାରାଦୀପର ଶିଳ୍ପ ଅଞ୍ଚଳରୁ ଲାଲ, ହଳଦୀ ରଙ୍ଗର ଧୂଳି ଉଡ଼ି ଆସି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଖେଳେଇ ହୋଇଯାଉଛି। ଘରବାଡ଼ିଠାରୁ ଆରମ୍ଭକରି ଗଛ ପତ୍ରରେ ନାଲି ଓ ହଳଦୀ ରଙ୍ଗର ଠୋପା ଠୋପା ଚିହ୍ନ ଦେଖାଯାଉଛି। ଏହା ଅଞ୍ଚଳରେ ନୂଆ ନୁହେଁ। ପ୍ରତ୍ୟହ ଏପରି ଘଟଣା ନଜରକୁ ଆସୁଛି। ଫଳରେ ରୋଗ ସହ ଜୀବନ ଜୀବିକା ନଷ୍ଟ ହେଉଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ, ସମରେନ୍ଦ୍ର ମାହାଲି, ପ୍ରଭୁପ୍ରସାଦ ମହାପାତ୍ର ପ୍ରମୁଖ କହିଛନ୍ତି, ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଜାତୀୟ ଉଦ୍ୟାନ ଭିତରକନିକା ପ୍ରତି ବିପଦ ସାଜିଛି। ସେହିପରି ଏହି ବିଷାକ୍ତ ରାସାୟନିକ ପ୍ରଭାବ ସାମୁଦ୍ରିକ ଜଳଜୀବ ସମେତ ନଦୀ ନାଳ ଉପରେ ପ୍ରଭାବ ପକାଉଛି। ଗଛ ସବୁ ପୋଡ଼ି ଯାଉଥିବା ବେଳେ ଫସଲ ଅଧିକ ଅମଳକ୍ଷମ ହେଉନାହିଁ। ଏ ନେଇ ଜିଲା ପ୍ରଶାସନର ଦୃଷ୍ଟିକୁ ଅଣାଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ବିଭୂତି ଭୂଷଣ କର, ଲକ୍ଷ୍ମୀଧର ସ୍ୱାଇଁ, ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି, ୨୦୧୯ ଜୁନରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକାରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାସାୟନିକ ଓ ଶିଳ୍ପାନୁଷ୍ଠାନ ଦୁର୍ଘଟଣା ପରି ବିପର୍ଯ୍ୟୟ କ୍ଷେତ୍ରରେ ରାଜ୍ୟ କ୍ରାଇସିସ ମେଣ୍ଟେନାନ୍ସ ଗ୍ରୁପ ତତ୍ପରତାର ସହ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି କ୍ରାଏସିସ ମେଣ୍ଟେନାନ୍ସ ଗ୍ରୁପ୍ ଶିଳ୍ପାଞ୍ଚଳର ଆଖପାଖ ଅଞ୍ଚଳ ସର୍ଭେ କରିବା ସହ ଏହାର ନିରାକରଣ ବ୍ୟବସ୍ଥା କରିବ। ବୈଠକକୁ ଇତିମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲାରେ କ୍ରାଇସିସ୍ ମେଣ୍ଟେନାନ୍ସ ଗ୍ରୁପ୍‌ର କାର୍ଯ୍ୟକ୍ରମ ଆରମ୍ଭ ହୋଇନାହିଁ। ଏ ସମ୍ପର୍କରେ ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରେ ପାରାଦୀପ ଶିଳ୍ପାଞ୍ଚଳର ବାୟୁ, ଜଳ ପ୍ରଦୂଷଣ ସମ୍ପର୍କରେ କୌଣସି ଅଭିଯୋଗ ଜିଲା ପ୍ରଶାସନ ନିକଟରେ ନାହିଁ। ଏ ନେଇ ଫ୍ୟାକ୍ଟ୍ରି ଆଣ୍ଡ ବ୍ରଏଲର ନିର୍ଦ୍ଦେଶାଳୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି।

# କୁମ୍ଭୀର ମୁହଁରୁ ଖସି ଆସିଲେ ଚାଷୀ

## ନଦୀ ଭିତରକୁ ୧୦ ଫୁଟ ଟାଣି ନେଇଥିଲା

ମହାକାଳପଡ଼ା,୪।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ): ବୁଧବାର ଏକ କୁମ୍ଭୀର ମୁହଁରୁ ଜଣେ ଚାଷୀ ଖସି ଆସିଛନ୍ତି। ଏକ ବଡ଼ କୁମ୍ଭୀର ତାଙ୍କୁ ନଦୀ ଭିତରକୁ ଟାଣି ନେଉଥିଲା । ହେଲେ ସେ କୁମ୍ଭୀର ଆଖିରେ ନିଜ ଆଙ୍ଗୁଠି ଗେଞ୍ଜି ଦେଇଥିଲେ। ଫଳରେ କୁମ୍ଭୀରଟି ଆଘାତ ପାଇବା ପରେ ଚାଷୀଙ୍କୁ ଛାଡ଼ି ଦେଇଥିଲା । ଚାଷୀ ଜଣକ ପ୍ରାଣ ବିକଳରେ ପହଁରି କୂଳକୁ ଆସିଥିଲେ। ତାଙ୍କ ହାତରେ କୁମ୍ଭୀର କାମୁଡ଼ା କ୍ଷତ ରହିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ରାମଚଣ୍ଡୀ ଗଳିଆ ନଦୀରେ ବୁଧବାର ସକାଳୁ ଚାଷୀ ତୁଷାର ମଣ୍ଡଳ(୪୫) ଶୌଚ ପାଇଁ ଯାଇଥିଲେ । ଏହି ସମୟରେ ଏକ କୁମ୍ଭୀର ତାଙ୍କ ହାତକୁ କାମୁଡ଼ି ପ୍ରାୟ ୧୦ଫୁଟ୍ ନଦୀ ଭିତରକୁ ଟାଣି ନେଇଥିଲା। ହେଲେ ତୁଷାର ଉପସ୍ଥିତି ବୁଦ୍ଧି ଖଟାଇ କୁମ୍ଭୀର ଆଖିରେ ଆଙ୍ଗୁଠି ଗେଞ୍ଜି ଦେବାରୁ ଅଳ୍ପକେ ରକ୍ଷା ପାଇଛନ୍ତି। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ବାମ ହାତରେ ୧୫ଟି୍ ଷ୍ଟିଚ୍ ପଡ଼ିଛି। ଅଧିକ ଚିକିତ୍ସା ପାଇଁ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତୁଷାରଙ୍କ ଘର ବଉଳକଣି ପଞ୍ଚାୟତ ଲୁଣାଘେରି ଗ୍ରାମରେ। ସେ ଗଳିଆ ନଦୀ କୂଳରେ ଧାନ ଚାଷ କରିଥିଲେ। ସେ ନଦୀରେ ଶୌଚ ବେଳେ ଏହି ଘଟଣା ଘଟିଛି। ବନ ବିଭାଗ ପକ୍ଷରୁ ତୁଷାରଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି ।



କୁମ୍ଭୀର ଆକ୍ରମଣରେ ଆହତ ଚାଷୀ।

# ଆରୁହା କଳାପଥର ଖାଦାନ, କ୍ରଶର ଅଞ୍ଚଳରେ ତଦନ୍ତ

ଧର୍ମଶାଳା,୪।୧୨ (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା ଅଞ୍ଚଳରେ ବେଆଇନ ଭାବେ କଳାପଥର ଖାଦାନ ଓ କ୍ରଶର ଚାଲୁଥିବା ନେଇ ଅଭିଯୋଗ ପରେ ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଲଘୁ ଖଣିଜ, ପ୍ରଦୂଷଣ ଓ ରାଜସ୍ୱ ବିଭାଗ ପକ୍ଷରୁ ସରଜମିନ ତଦନ୍ତ କରାଯାଇଛି। ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ତହସିଲଦାର ଶୁଭଙ୍କର ମହାନ୍ତି ସୂଚନା ଦେଇଛନ୍ତି।

ଆରୁହା କଳାପଥର ଖାଦାନରେ ବେଆଇନଭାବେ କଳାପଥର ଉତ୍ତୋଳନ ହେବା ସହିତ ଏଠାରେ ବହୁକ୍ରଶର ବେଆଇନ ଭାବେ ଚାଲିଥିବା ନେଇ ସ୍ଥାନୀୟ ଅଞ୍ଚଳର ଜଣେ ଆଇନଜୀବୀ ରାଜ୍ୟ ସରକାରଙ୍କ ଷ୍ଟିଲ ଓ ଖଣି ଉପସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପାଇଁ ଖଣି ଉପସଚିବ ଯାଜପୁର ଜିଲାପାଳଙ୍କୁ ଚିଠି ଲେଖି ଜଣାଇଥିଲେ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଜିଲାପାଳ ଚିଠି ନଂ.୧୪୭୩୫ରେ ଗତ ୩୦ ତାରିଖରେ ଯାଜପୁର ଖଣି ଉପନିର୍ଦ୍ଦେଶକ, ଯାଜପୁର ରୋଡସ୍ଥିତ ପ୍ରଦୂଷଣ ବିଭାଗ ଓ ଧର୍ମଶାଳା ତହସିଲଦାରଙ୍କୁ ଜଣାଇଥିଲେ।







# ଆଉ ୨ ମାମଲାରେ ଲଲଙ୍କୁ ଜାମିନ

ଯାଜପୁର ଟାଉନ,୪।୧୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ତଥା ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ(ଲଲ)ଙ୍କୁ ଆଉ ୨ ମାମଲାରେ ବୁଧବାର ଜାମିନ ମିଳିଛି। ବିରଜା ହାଟକୁ ସନ୍ଥମାଧବ ନିକଟକୁ ସ୍ଥାନାନ୍ତର ପରେ ଦୀର୍ଘଦିନ ଧରି ବିବାଦ ଚାଲିଛି। ପୁରୁଣା ବିରଜା ହାଟ ପୂର୍ବ ସ୍ଥାନରେ ଚାଲିବା ନେଇ ସ୍ଥାନୀୟ ବ୍ୟବସାୟୀ କସରତ କରିଆସୁଥିବାବେଳେ ନୂତନ ସ୍ଥାନରେ ହାଟ ଚାଲୁ ରଖିବା ପାଇଁ ଏକ ଗୋଷ୍ଠୀ ପକ୍ଷରୁ ଜୋରଦାର ଉଦ୍ୟମ ହେଉଥିଲା। ଏପରିସ୍ଥିତିରେ ଗତ ୨୧ ମାସ ତାରିଖରେ ୨ ଗୋଷ୍ଠୀ ମଧ୍ୟରେ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ପୁରୁଣା ବିରଜା ହାଟକୁ ଆସିଥିବା କେତେଜଣ ବ୍ୟବସାୟୀଙ୍କୁ ବିରୋଧ କରାଯାଇ ତାଙ୍କୁ ସ୍ଥାନାନ୍ତର କରିବା ପାଇଁ ଜୋରଜବରଦସ୍ତ କରାଯିବା ଏବଂ ପୋଲିସ ଉପସ୍ଥିତିରେ ରାସ୍ତାରୋକୋ କରାଯିବା ଆଦି ଘଟଣାକୁ ନେଇ ଲଲଙ୍କ ସମେତ ୧୮ଜଣଙ୍କ ନାମରେ ଯାଜପୁର ଥାନା ଏସ୍‌ଆଇ ତୃପ୍ତିମୟୀ ରାଉତ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ନଂ. ୪୭୦/୨୪ ହୋଇଥିଲା। ସେହିପରି ଗୋବିନ୍ଦ ସାହୁ ନାମକ ଜଣେ ବ୍ୟବସାୟୀଙ୍କୁ ମାଡ଼ମାରିବା, ପରିବାପତ୍ର ଫିଙ୍ଗିଦେବା ଓ ତାଙ୍କ ନିକଟରୁ ଟଙ୍କା ଛଡ଼ାଇନେବା ନେଇ ଅଭିଯୋଗ ପରେ ଥାନାରେ ଏକ ମାମଲା ନଂ.୪୭୨/୨୪ ରୁଜୁ ହୋଇଥିଲା। ଯାଜପୁର ପୋଲିସ ଏହି ୨ ମାମଲାରେ ଲଲଙ୍କୁ ମିଶାଇ ୨୪୮ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଥିଲା। ପୂର୍ବରୁ ଅଭିଯୁକ୍ତମାନଙ୍କ ଯାଜପୁର ଏସଡିଜେଏମ୍‌ଙ୍କ ନିକଟରେ ଜାମିନ ଦରଖାସ୍ତ ନାମଞ୍ଜୁର ହେବା ପରେ ଜିଲା ଦୌରାଜଜ୍‌ଙ୍କ ନିକଟରେ ଜାମିନ ପାଇଁ ଆବେଦନ କରାଯାଇଥିଲା। ଜିଲା ଦୌରାଜଜ୍‌ଙ୍କ ନିକଟରେ ଜାମିନ ଆବେଦନର ଶୁଣାଣି ସମୟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ସ୍ୱତନ୍ତ୍ର ପିପି ଜାମିନ ଦରଖାସ୍ତ ଆଗ୍ରହ୍ୟ ପାଇଁ ଯୁକ୍ତି ଉପସ୍ଥାପନ କରିବା ସହ ଆବଶ୍ୟକ କେସ୍‌ଡାଏରୀ ଦାଖଲ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରବୀର ରାୟ ଯୁକ୍ତି ଉପସ୍ଥାପନ କରିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଯାଜପୁର ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଅଭିଯୁକ୍ତମାନଙ୍କୁ ୨ ମାମଲାରେ ଜାମିନ ପ୍ରଦାନ କରିଛନ୍ତି। ଲଲଙ୍କ ନାମରେ ମୋଟ୍ ୫ ମାମଲା ରୁଜୁ ହୋଇଛି। ବର୍ତ୍ତମାନକୁ ମିଶାଇ ମୋଟ୍ ୩ ମାମଲାରେ ତାଙ୍କୁ ଜାମିନ ମିଳିଥିଲେ ହେଁ ଅନ୍ୟ ୨ଟି ମାମଲା ଯାଜପୁର ଥାନା କେଶ୍ ନଂ.୪୬୯/୨୪ ଓ ୪୭୫/୨୪ର ଜାମିନ ଶୁଣାଣି ହୋଇନାହିଁ। ତେଣୁ ଏବେ ତାଙ୍କୁ ଜେଲରେ ରହିବାକୁ ପଡ଼ିବ ବୋଲି ସୂଚନା ମିଳିଛି।







## ଭିନ୍ନକ୍ଷମ ଦିବସ ପାଳିତ

ଯାଜପୁର ଟାଉନ,୪।୧୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଆଡ୍‌ହକ ଏଡିଜେ ଶରତ ଦେହୁରି, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧୁରୀ ଓ ସାମାଜିକ କର୍ମୀ ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ନବକିଶୋର ଜେନା ଯୋଗଦେଇ ଭିନ୍ନକ୍ଷମଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ କହିଥିଲେ। ଆଇନ ସେବା ୟୁନିଟ୍ ମନୋନୟନ କାର୍ଯ୍ୟ ପରିସର ତଥା ନାଲ୍‌ସା ଯୋଜନା ୨୦୨୪ ବିଷୟରେ ପ୍ରଶିଶଣ ଦିଆଯାଇଥିଲା। ପ୍ୟାନେଲ ଲୟର, ପିଏଲଭି ପ୍ରଶିକ୍ଷାର୍ଥୀଭାବେ ଯୋଗଦେଇଥିଲେ।









# ଡିଏଚ୍‌ଏଚ୍ ଅନୁଧାନ କଲେ କାୟାକଳ୍ପ ଟିମ୍

ନୟାଗଡ଼,୪।୧୨
(ଲୋକନାଥ ମିଶ୍ର)

କାୟାକଳ୍ପ ଟିମ୍ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ର ସ୍ଥିତି ବୁଧବାର ଅନୁଧ୍ୟାନ କରିଛନ୍ତି। ଏହି ଟିମ୍‌ରେ କଟକ ସିଟି ହସ୍ପିଟାଲର ସୁପରିଟେଣ୍ଡେଣ୍ଟଙ୍କ ସହ ଦୁଇ ଜଣ ଡାକ୍ତର ଅଛନ୍ତି। କାୟାକଳ୍ପ ଟିମ୍ ଅନୁଧ୍ୟାନ ସମୟରେ ରୋଗୀମାନେ ଉପେକ୍ଷିତ ହୋଇଥିବା ଦେଖିବାକୁ ମିଳିଥିଲା। କାୟାକଳ୍ପ ଟିମ୍ ଅନୁଧ୍ୟାନ କିପରି ସୁରୁଖୁରୁରେ ଶେଷ ହେବ ସେ ନେଇ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ରୋଗୀଙ୍କ ପାଇଁ ଉର୍ଦ୍ଦିଷ୍ଟ ଲିଫ୍ଟରେ ଯିବାକୁ ଦିଆ ଯାଇ ନ ଥିଲା। ଲିଫ୍ଟ ଅପରେଟର ଲିଫ୍ଟକୁ ଖୋଲା ରଖି ବହୁ ସମୟ ଧରି ଅପେକ୍ଷାରତ ଥିଲେ। କାୟାକଳ୍ପ ଟିମ୍ ଆସୁଥିବାରୁ ତାଙ୍କୁ ଏପରି ଖୋଲା ରଖିବାକୁ କୁହାଯାଇଛି। ଏଣୁ ଖୋଲା ରଖିଥିବା କହିଥିଲେ। ଅନ୍ୟପକ୍ଷେ ଚିକିତ୍ସାଳୟରେ କାର ଓ ଅଟୋ ପାର୍କିଂ ପାଇଁ ବାରଣ କରାଯାଇଥିଲା। ଯେଉଁ ରୋଗୀମାନେ କାର ଓ ଅଟୋ ଯୋଗେ ଆସୁଥିଲେ ସେମାନଙ୍କୁ ତୁରନ୍ତ ରୋଗୀ ଛାଡି ବାହାରକୁ ଚାଲି ଯିବାକୁ ପରାମର୍ଶ ମିଳୁଥିଲା। ଦିନକ ପାଇଁ କାର ଓ ଅଟୋ ପାର୍କିଂ ବାରଣ କରାଯାଇଛି ବୋଲି ସିକ୍ୟୁରିଟ ଗାର୍ଡ ହସି ହସି କହୁଥିଲେ। ସେହିଭଳି ବାଇକ୍ ପାର୍କିଂ ମନଇଛା ବାରଣ ରହିଥିଲା। ବାଇକ୍ ପାର୍କିଂ ପାଇଁ କେବଳ ୨ଟି ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷେ ମାତୃ ଓ ଶିଶୁ ହସ୍ପିଟାଲ ପରିସର ଭିତରେ ଓଦା ଲୁଗା ଶୁଖୁ ନ ଥିଲା। ପ୍ରତିଦିନ ଓଦା ଲୁଗା ଶୁଖୁଥିବାବେଳେ ବୁଧବାର ଏହାର ବ୍ୟତିକ୍ରମ ଥିଲା। ସେହିପରି ବିଭିନ୍ନ ୱାର୍ଡ ଓ ଚିକିତ୍ସାଳୟ ପରିସର ପରିଷ୍କାର ଥିଲା। ରୋଗୀମାନଙ୍କର ବେଡ୍‌ରେ ବେଡଶିଟ୍ ମଧ୍ୟ ପରିଷ୍କାର ଥିଲା। କେତେଜଣ ରୋଗୀ କହୁଥିଲେ ଏଭଳି ପରିଷ୍କାର ସବୁବେଳେ ରଖିବା ଦରକାର। ହେଲେ କାୟାକଳ୍ପ ଟିମ୍ ଯୋଗୁ ତାହା ସମ୍ଭବ ହୋଇ ପାରିଛି। କାୟାକଳ୍ପ ଟିମ୍ ପରିବେଶ ଓ ପରିଚ୍ଛନ୍ନତା ସମେତ ସୁରକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପରି ୮ଟି ମାନଦଣ୍ଡକୁ ନେଇ ରିପୋର୍ଟ ଦେବ। ରିପୋର୍ଟ ସପକ୍ଷରେ ଗଲେ କାୟାକଳ୍ପ ପୁରସ୍କାର ମିଳିବ। ତେବେ ବିଭିନ୍ନ ସମୟରେ କାୟାକଳ୍ପ ଟିମ୍ ଚାଲିଯିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ପୂର୍ବ ପରି ହୋଇ ଯାଉଛି। ଏଠାରେ ଠିକଭାବେ ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ପୁଣି ପରିବେଶ ଅପରିଷ୍କାର ହୋଇ ପଡୁଛି। କାୟାକଳ୍ପ ଟିମ୍ ଯଦି ସୂଚନା ନ ଦେଇ ଅଚାନକ ପରିଦର୍ଶନରେ ଆସନ୍ତେ ତେବେ ଚିକିତ୍ସାଳୟର ପ୍ରକୃତ ଗୁମର ଖୋଲିପାରନ୍ତା ବୋଲି ଅନେକ ରୋଗୀ ପ୍ରକାଶ କରିଛନ୍ତି।


ଅଖିଳ ଭାରତ ଯୁବ ଛାତ୍ର ସଂସଦ ପକ୍ଷରୁ କାୟାକଳ୍ପ ଟିମ୍‌କୁ ଦାବିପତ୍ର ପ୍ରଦାନ କରାଯାଉଛି।

- ଟିମ୍‌କୁ ସନ୍ତୁଷ୍ଟ କରିବାକୁ ଯାଇ ରୋଗୀଙ୍କୁ ଉପେକ୍ଷା
- ଲିଫ୍ଟ ଖୋଲା ରଖି ରୋଗୀଙ୍କୁ ଅଟକାଇଥିଲେ ଅପରେଟର
- କାର ଓ ଅଟୋ ପାର୍କିଂ ମନା ଥିଲା

# ଧାନକିଣା କମିଟିରେ ଚାଷୀଙ୍କୁ ରଖିବାକୁ ବିଧାୟିକାଙ୍କ ନାଁ ସୁପାରିସ

ନୟାଗଡ଼,୪।୧୨
(ଲୋକନାଥ ମିଶ୍ର)

ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ସ୍ତରୀୟ ଧାନକିଣା କମିଟିରେ ନିଜ ନିର୍ବାଚନ ମଣ୍ଡଳୀ ରଣପୁର ସହ ନୟାଗଡ଼ ନିର୍ବାଚନ ମଣ୍ଡଳୀର କେତେଜଣ ଚାଷୀଙ୍କୁ ସାମିଲ କରିବାକୁ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ଏକ ତାଲିକା ପ୍ରଦାନ କରି ସୁପାରିଶ କରିଛନ୍ତି। ବିଧାୟିକାଙ୍କ ଚିଠି ଜିଲାପାଳଙ୍କ ସୁପାରିଶରେ ନୟାଗଡ଼ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ (ଏଆରସିଏସ୍)ଙ୍କ ମାଧ୍ୟମରେ ପାକ୍ସରେ ପହଞ୍ଚି। ୨ ନିର୍ବାଚନମଣ୍ଡଳୀର ଅଧିକାଂଶ ପାକ୍ସରେ ଧାନକିଣା କମିଟିର ସଦସ୍ୟ ଚୟନ ସରିଛି। ତେଣୁ ସୁପାରିଶ ହୋଇଥିବା ଚାଷୀଙ୍କୁ ସାମିଲ କରିବା ନିମନ୍ତେ କାହାକୁ କମିଟିରୁ ବାଦ୍ ଦିଆଯିବ ସେନେଇ ପାକ୍ସ କର୍ତ୍ତୃପକ୍ଷଙ୍କ ଅଡୁଆ ବଢ଼ିଛି। କେତେକ ପାକ୍ସ ପରିଚାଳନା ସମିତି ଏଭଳି ଚିଠିକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଧାନକିଣାରେ ଅସହଯୋଗ କରିବେ ବୋଲି କହିଛନ୍ତି। ପାକ୍ସସ୍ତରୀୟ ଧାନକିଣା କମିଟିରେ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ), ଗ୍ରାମୀଣ କୃଷି କର୍ମଚାର (ଭିଏଡବ୍ଲ୍ୟୁ), ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ), ସ୍ଥାନୀୟ ସରପଞ୍ଚ, ପାକ୍ସ ସଭାପତି ଓ ସମ୍ପାଦକଙ୍କ ସହିତ ୬ଜଣ ପଞ୍ଜୀକୃତ ଚାଷୀ ରହିବା ବ୍ୟବସ୍ଥା ରହିଛି। କମିଟି ଗଠନ କରିବାକୁ ଏଆରସିଏସ୍ ଅକ୍ଟୋବର ୮ରେ ଚିଠି କରିଥିଲେ। ତଦନୁସାରେ ପାକ୍ସଗୁଡ଼ିକରେ ଧାନକିଣା କମିଟିର ସଦସ୍ୟ ଚୟନ କରାଯାଇଛି। ଗତ ନଭେମ୍ବର ୧୯ରେ ଚିଠି ନଂ.୨୧୧ରେ ରଣପୁର ବିଧାୟିକା ପାକ୍ସ ପିଛା ୩ରୁ ୫ଜଣ ଲେଖାଏ ଚାଷୀଙ୍କୁ ସଦସ୍ୟ କରିବା ପାଇଁ ଜିଲାପାଳଙ୍କୁ ସୁପାରିସ କରିଛନ୍ତି। ଏନେଇ ସମବାୟ ସମିତି ସମୂହ ଉପ ନିବନ୍ଧକ (ଡିଆର୍‌ସିଏସ୍) ଅନନ୍ତ କୁମାର ନାୟକ କୁହନ୍ତି, ଜନ ପ୍ରତିନିଧି ନାମ ସୁପାରିସ କରିବାରେ କିଛି ଅସୁବିଧା ନାହିଁ। କମିଟିରେ କେଉଁମାନେ ସଦସ୍ୟ ରହିବେ ସେନେଇ ପାକ୍ସ ପ୍ରସ୍ତାବ ଦେବ। ପାକ୍ସସ୍ତରୀୟ କମିଟିର ଚିଠି ପାଇବା ପରେ ବିଡିଓ ବିଜ୍ଞପ୍ତି ଜାରି କରିବେ। ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତି କୁହନ୍ତି, ନୋଡାଲ ଅଫିସର ଏଆର୍‌ସିଏସ୍ ହୋଇଥିବାରୁ ସରକାରୀ ଗାଇଡ୍‌ଲାଇନକୁ ଦେଖି ସେ ପଦକ୍ଷେପ ନେବେ। ଜିଲାପାଳଙ୍କ ସ୍ୱୀକୃତି ପରେ କମିଟି ନାଁ ଘୋଷଣା ହେବ। ଏଆରସିଏସ୍ ପ୍ରାର୍ଥନା ପ୍ରିୟଦର୍ଶିନୀ କୁହନ୍ତି, ନୟାଗଡ଼ ଓ ରଣପୁର ନିର୍ବାଚନମଣ୍ଡଳୀର ପାକ୍ସଗୁଡିକରେ କେତେଜଣ ଚାଷୀଙ୍କ ନାମ ସାମିଲ ପାଇଁ ଜିଲାପାଳଙ୍କ ଚିଠି ମିଳିବା ପରେ ପାକ୍ସକୁ ପଠାଯାଇଛି। କମିଟିରେ କାହାକୁ ରଖାଯିବ ସେନେଇ ପାକ୍ସ ନିଷ୍ପତ୍ତି ନେବ। ଯଦି କୌଣସି ଅସୁବିଧା ହୁଏ, ପାକ୍ସ କର୍ତ୍ତୃପକ୍ଷ ଆମ ସହ ଯୋଗାଯୋଗ କରିପାରିବେ ବୋଲି ସେ କହିଛନ୍ତି।

# ଅନଲାଇନ ଟ୍ରେଡିଂ ଆଳରେ ୧୬ ଲକ୍ଷ ଠକେଇ

**ବ୍ରହ୍ମପୁର, ୪।୧୨ (ସୁବାସ ଚନ୍ଦ୍ର ପାଢ଼ୀ):** ଡିଏଆଇ ନାମକ ଏକ ଅନଲାଇନ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରିବା ଉକ୍ତ ବ୍ୟକ୍ତିଙ୍କ ପାଇଁ ମହଙ୍ଗା ପଡିଛି । ଟଙ୍କା ବିନିଯୋଗ କରିବାର କିଛି ଦିନ ପରେ ଉକ୍ତ ଆପ ବନ୍ଦ ହୋଇଯାଇଥିବା ବେଳେ ସଂପୃକ୍ତ ବ୍ୟକ୍ତିଙ୍କ ଠାରୁ ୧୬ ଲକ୍ଷ ଟଙ୍କା ଠକେଇ ନେଇ ଅଭିଯୋଗ ହୋଇଛି ।

# ଡେପ୍ଲୟର୍ଡ ଶିକ୍ଷକଙ୍କୁ ବଦଳି ଦାବିରେ ରାସ୍ତାରୋକୋ


ଧାରଣାରେ ବସିଥିବା ଛାତ୍ରୀଛାତ୍ର।

ନୟାଗଡ଼,୪।୧୨
(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ୍ କେନ୍ଦୁଡ଼ିପି ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ଡେପ୍ଲୟର୍ଡ ହୋଇଥିବା ଶିକ୍ଷକ ଉତ୍ତମ ବେହେରାଙ୍କ ବଦଳି ଦାବିରେ ବୁଧବାର ରଣପୁର ଓ ଦର୍ପନାରାୟଣପୁର ରାସ୍ତାକୁ ଅବରୋଧ କରାଯାଇଥିଲା। ଖବର ପାଇ ନୟାଗଡ଼ ବିଇଓ, ନୟାଗଡ଼ ଏସଡିପିଓ, ଇଟାମାଟି ଥାନା ଆଇଆଇସି, ନୟାଗଡ଼ ତହସିଲଦାର ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ବଦଳି କରିବାକୁ ପ୍ରତିଶ୍ରୁତି ଦେବା ପରେ ବୁଧବାର ସକାଳ ୭ଟାରୁ ଆରମ୍ଭ ହୋଇଥିବା ରାସ୍ତାରୋକୋ ପୂର୍ବାହ୍ନ ୧୧ଟାରେ ପ୍ରତ୍ୟାହୃତ ହୋଇଥିଲା। ଅଭିଯୋଗ ଅନୁସାରେ ଶିକ୍ଷକ ଉତ୍ତମ ବେହେରା ପାଠ ପଢ଼ା ଠିକରେ କରି ନ ଥିବାରୁ ଗାଁ ଓ ସ୍କୁଲ ପରିଚାଳନା କମିଟିର ପ୍ରତିବାଦ ପରେ ଶଙ୍ଖେଇ ସ୍କୁଲକୁ ଡେପ୍ଲୟର୍ଡ କରାଯାଇଥିଲା। ତେବେ ମେଡିକାଲ ଲିଭ ଦର୍ଶାଇ ସଂପୃକ୍ତ ଶିକ୍ଷକ ରିଲିଭ ଅର୍ଡର ନେଉନାହାନ୍ତି। ସ୍କୁଲକୁ ଆସୁ ନ ଥିଲେ ମଧ୍ୟ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ପ୍ରଧାନଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଭାପତି ଓ କମିଟି ସଭ୍ୟ ସନ୍ତୋଷ ସେଠି ନାଁରେ କେଶ କରିଛନ୍ତି। ପ୍ରତିବାଦରେ ଆନ୍ଦୋଳନ କରାଯାଇଛି ବୋଲି ଗାଁଲୋକ, ସ୍କୁଲ ପରିଚାଳନା କମିଟି ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ଅନ୍ୟପକ୍ଷେ ଶିକ୍ଷକ ଉତ୍ତମ ବେହେରାଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

## ରାଜ୍ୟସ୍ତରୀୟ ଧାନ ସଂଗ୍ରହର ଉଦ୍‌ଘାଟନ ପାଇଁ ପ୍ରସ୍ତୁତି

**ନୟାଗଡ଼, ୪।୧୨ (ଲୋକନାଥ ମିଶ୍ର):** ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୟାଗଡ଼ ଷ୍ଟାଡିୟମ ଠାରେ ଚଳିତ ମାସ ୮ ତାରିଖରେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ ଶୁଭ ଉଦ୍‌ଘାଟନ ହେବ। ଏନେଇ ସିଧା ପ୍ରସାରଣ ତଥା ଜିଲାସ୍ତରରେ ଏହାର କାର୍ଯ୍ୟକାରୀ ଓ ପାଳନ ସମ୍ବନ୍ଧରେ ଜିଲାପାଳଙ୍କ ମିନି କନଫେରେନସ୍ ହଲରେ ବୁଧବାର ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାନ ସଂଗ୍ରହ ଉଦ୍‌ଘାଟନକୁ ବିଭିନ୍ନ ବ୍ଲକରୁ ପ୍ରାୟ ୧୦୦୦କୃଷକମାନଙ୍କୁ ଆଣି ସାମିଲ କରିବା ପାଇଁ ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। କୃଷି ସମ୍ବନ୍ଧୀୟ ବିଭିନ୍ନ ଷ୍ଟଲ ଦ୍ୱାରା କୃଷକମାନଙ୍କୁ ସଚେତନତା କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ପାଣିପୋଇଲା, ଉଦ୍ୟାନ କୃଷି ବିଭାଗ, ଜଳ ବିଭାଜିକା, ଯୋଗାଣ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ ଖୋଲିବା ପାଇଁ ସ୍ଥିର କରାଯାଇଛି। କୃଷକମାନଙ୍କୁ ସେମାନଙ୍କ ବ୍ଲକ ମୁଖ୍ୟାଳୟରେ ଛାଡ଼ିବା ପାଇଁ ସ୍ଥିର କରାଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ବସଗୁଡ଼ିକର ବ୍ୟବସ୍ଥା କରାଯିବ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ନିର୍ବାହୀ ଯନ୍ତ୍ରୀ ଟିପିସିଡିଏଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରୀୟ ସମସ୍ତ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରି ଉପସ୍ଥିତ କୃଷକଙ୍କୁ ପ୍ରଦର୍ଶିତ କରାଯିବ।

























